**ସଂକ୍ଷେପରେ**

## ସାଇକେଲରେ ବୁଲି ସଚେତନ କରୁଛନ୍ତି ଶିକ୍ଷକ




ମାଲକାନଗିରି,୬।୬ (ଡି.ଏନ୍.ଏ)- ଗ୍ରୀଷ୍ମ ଅବକାଶ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ କୌଣସି ତୀର୍ଥସ୍ଥାନ କିମ୍ବା ଅନ୍ୟ କୌଣସି ସ୍ଥାନକୁ ବୁଲିବାକୁ ଯାଉଥିବାବେଳେ ପଶ୍ଚିମବଙ୍ଗର ଜଣେ ଶିକ୍ଷକଙ୍କ ନିଆରା ପ୍ରୟାସକୁ ପ୍ରଶଂସା କରାଯାଇଛି। ପଶ୍ଚିମବଙ୍ଗ ସୋନାରପୁର ଥାନା ସୁବାଷଗାଓଁ ଗ୍ରାମର ରାମ ପ୍ରସାଦ ନସ୍କର ନାମକ ଜଣେ ଶିକ୍ଷକ ସାଇକେଲରେ ବୁଲି ବୁଲି ପ୍ରଦୂଷଣମୁକ୍ତ ଭାରତ ଗଠନର ବାର୍ତ୍ତା ଦେଉଛନ୍ତି। ରାମପ୍ରସାଦ ଗତ ମେ ୨୨ ତାରିଖରୁ ପଶ୍ଚିମବଙ୍ଗରୁ ସାଇକେଲରେ ବାହାରି ନେପାଳ ବୁଲି ଲୋକଙ୍କୁ ସଚେତନ କରାଇଥିଲେ। ଏବେ ସେ ଓଡିଶାର ୧୬ଟି ଜିଲା ବୁଲି ସଚେତନତାର ବାର୍ତ୍ତା ଦେବା ପରେ ମଙ୍ଗଳବାର ମାଲକାନଗିରି ସଦର ମହକୁମାରେ ଆସି ପହଞ୍ଚିଛନ୍ତି। ସେ ସାଇକେଲରେ ଗାଁ ଗାଁ ବୁଲି ଲୋକଙ୍କୁ ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ ରଖିବା, ଗଛ ଲଗାଇବା ଏବଂ ବହୁଳ ମାତ୍ରାରେ ମୋଟର ଗାଡି ବ୍ୟବହାର ନ କରି ସାଇକେଲ ଚଳାଇ ସୁସ୍ଥ ରହିବା ଲାଗି ପରାମର୍ଶ ଦେଉଛନ୍ତି। ତାଙ୍କର ଏପରି ସଚେତନତା କାର୍ଯ୍ୟକ୍ରମକୁ ମାଲକାନଗିରି ଜିଲା ସଦରମହକୁମା ବନ ବିଭାଗ ତରଫରୁ ପ୍ରଶଂସା କରାଯିବା ସହ ତାଙ୍କୁ ସମ୍ମାନର ସହ ରହିବା ନିମନ୍ତେ ଘର ଓ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ସେହିପରି ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ତରଫରୁ ମଧ ତାଙ୍କୁ ପ୍ରଶଂସା କରାଯିବା ସହ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଛି।

## ଅଜଗର ସାପକୁ ମାରି ଭିଡିଓ ଭାଇରାଲ

କୋରୁକୋଣ୍ଡା,୬।୬(ଡି.ଏନ୍. ଏ)- ସାମାଜିକ ଗଣମାଧମରେ ଭିଉର୍ସ ବଢାଇବା ପାଇଁ ଅଜଗର ସାପକୁ ମାରି ଭିଡିଓ ଭାଇରାଲ କରୁଛନ୍ତି ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ ଅନ୍ତର୍ଗତ ନିଳାଦ୍ରିନଗର ଗ୍ରାମରେ। ଗତ କିଛି ଦିନ ପୂର୍ବରୁ ଏକ ଅଜଗର ସାପ ଖାଦ୍ୟ ଅନ୍ୱେଷଣ ପାଇଁ ନିଳାଦ୍ରିନଗର



ଗାଁକୁ ପଶି ଆସିଥିବା ବେଳେ କିଛି ଖଳ ପ୍ରକୃତିର ଯୁବକ ତାକୁ ଠେଙ୍ଗାରେ ପିଟି ପିଟି ମାରିବା ପରେ ତାର ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ କରି ବାହାବାହା ନେଉଛନ୍ତି। ଏ ସମ୍ପର୍କରେ ବାଲିମେଳା ବନପାଳ ମୋହନ ଗୁଡ଼ିଆଙ୍କୁ ଯୋଗାଯୋଗ କରିବାରୁ ଅଜଗର ସାପକୁ ମାରିଥିବା ଲୋକଙ୍କ ବିରୁଦ୍ଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ପଡିଆ,୬।୬(ଡି.ଏନ୍.ଏ ) - ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକ ସଦର ମହକୁମାରେ ଥିବା ଦୁର୍ଗା ମଣ୍ଡପଠାରେ ମଙ୍ଗଳବାର ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗତ ୨ ତାରିଖରେ ବାହାନଗାଠାରେ ଏକବିଂଶ ଶତାବ୍ଦୀର ସବୁଠାରୁ ଭୟଙ୍କର ରେଳ ଦୁର୍ଘଟଣାରେ ପ୍ରାୟ ୨୮୮ ଲୋକଙ୍କ ମୃତ୍ୟୁ ଘଟଣା ଦେଶବ୍ୟାପୀ ମର୍ମାହତ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ଏପରି ସ୍ଥିତିରେ ପଡିଆ ବ୍ଲକର ଦୁର୍ଗା ମଣ୍ଡପଠାରେ ସ୍ଥାନୀୟ ଯୁବକମାନେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ପଡିଆର ଦିଲ୍ଲୀପ ଲିମା, ଏମଡି ଅଶକ, ମାଝୀ ଭୀମା ରାଓ, କୋରାପୁ ଭାସ୍କର, ବି ଶ୍ରୀନିବାସ ରାଓ, ନାକା ରବି କୁମାର, ତୁମ ରାଜେଶ୍ୱର ରାଓ, କୋରାପୁ ଉଦୟ ସମେତ ପ୍ରାୟ ୩୦ ରୁ ଉର୍ଦ୍ଧ ଯୁବକ ଉପସ୍ଥିତ ଥିଲେ।

# ଅଜଣା ରୋଗରେ ଛଟପଟ ଶିଶୁକନ୍ୟା

### ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ପଡିଆ, ୬।୬(ଡି.ଏନ.ଏ )

ଅଜଣା ରୋଗରେ ପୀଡ଼ିତ ଜଣେ ୭ ବର୍ଷର କନ୍ୟା ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଝିଅଟିର ଅଣ୍ଟା ଉପରେ ଏକ ମାଂସପିଣ୍ଡୁଳା ବାହାରିବା ସହିତ ଏହା ଧୀରେ ଧୀରେ ବଢୁଥିବାରୁ ନା ସେ ବସି ପାରୁଛି, ନା ଚଲାବୁଲା କରିପାରୁଛି। ଫଳରେ ଖେଳକୁଦ ବୟସରେ ଝିଅଟି ଦୀର୍ଘଦିନ ହେଲା ଶଯ୍ୟାସାୟୀ ହୋଇପଡ଼ିରହିଥିବାରୁ ମାତାପିତା ସରକାରୀ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ପଡିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ବାଟେନ ୱାଡା ଗ୍ରାମରେ।

ସୂଚନାରୁ ପ୍ରକାଶ ଯେ, ବାଟେନ ୱାଡା ଗ୍ରାମର ସୁକା ମାଡ଼ିଙ୍କର ୨ ଝିଅ ଓ ତାଙ୍କ ପତ୍ନୀ କବିତା ମାଡ଼ିଙ୍କୁ ନେଇ ସଂସାର। ସୁକା ଅତି ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କର ଥିବା ଅଳ୍ପ କିଛି ଜମିରେ ଚାଷବାଷ କରି ସେ ନିଜ ପରିବାର ଚଳାନ୍ତି। ତାଙ୍କର ୭ ବର୍ଷର ସାନ ଝିଅ ବିରେଙ୍କର ଅଣ୍ଟାରେ ଏକ ମାଂସପିଣ୍ଡୁଳା ବାହାରି ବଢୁଥିବାରୁ ସେ ଏବେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ତେବେ ଗତ ୩ ବର୍ଷ


ମା' ସହ ଶଯ୍ୟାସାୟୀ ଶିଶୁକନ୍ୟା।

ତଳେ ବିରେଙ୍କ ଛାତିରେ ଏକ ଆବୁ ଭଳି ବାହାରିଥିଲା। ସୁକା ଝିଅକୁ ନେଇ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ଜଲା ସଦର ମହକୁମା ଡାକ୍ତରଖାନାରେ ଦେଖାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧ ହୋଇ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଭଦ୍ରାଚଳମ ନେଇ ଘରୋଇ ଡାକ୍ତର ଖାନାରେ ଦେଖାଇଥିଲେ। ତେବେ ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଥିଲେ। ଚିକିତ୍ସା ପାଇଁ ଅର୍ଥ ନ ଥିଲେ ମଧ ଘରେ ଯାହାଥିଲା ବିକ୍ରି କରିବା ସହ ଧାରକରଜ କରି ଝିଅକୁ ଭଲ କରାଇ ଘରକୁ ଆଣିଥିଲେ। ହେଲେ ଦୀର୍ଘ ୩ ବର୍ଷ ପରେ ଏବେ ପୁଣି ସେହି ଭଳି ଆବୁ ପରି ମାଂସପିଣ୍ଡୁଳା ପିଠି ପଟ ଅଣ୍ଟା ଉପରେ ବାହାରିବା ସହ ତାହା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଝିଅଟି ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ ବଡ଼ ଡ଼ାକ୍ତରଖାନାକୁ ନେଇ ପୁଣି ଚିକିତ୍ସା କରାଇବା ପାଇଁ ଆଉ ସମ୍ବଳ ନ ଥିବା ବାପା ସୁକା କହିଛନ୍ତି। କର୍ମକୁ ଆଦରି ଏବେ ଗ୍ରାମର ଦେଶୀ ଚିକିତ୍ସା ଏବଂ ଗୁଣିଆକୁ ଭରସା କରିଥିବା ଦେଖିବାକୁ ମିଳିଛି। ଆଦିବାସୀ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଭ୍ରାମ୍ୟମାଣ ଗାଡି ବୁଲି ବୁଲି ରୋଗୀ ସେବା କରୁଥିବାବେଳେ ସ୍ୱାସ୍ଥ୍ୟ କର୍ମୀ, କି ସରପଞ୍ଚଙ୍କ ନଜର କିପରି ଏହି ଝିଅଟି ଉପରେ ପଡୁନି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ ପିଇଓ ଦୁର୍ଯ୍ୟୋଧନ ନାୟକଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିଥିଲେ। ସ୍ଥାନୀୟ ବିଡିଓ ରାମକୃଷ୍ଣ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଏ ବିଷୟରେ ଜାଣିନାହାନ୍ତି, କିନ୍ତୁ ଖବର ନେଇ ତୁରନ୍ତ ଝିଅର ଚିକିତ୍ସା ପାଇଁ ଜିଲାପାଳଙ୍କ ସହିତ ଯୋଗାଯୋଗ କରିବେ ବୋଲି କହିଛନ୍ତି।

# ରେଳ ଦୁର୍ଘଟଣାରେ ଆହତଙ୍କୁ ଯୋଗାଇଲେ ରକ୍ତ

### ମହାନତା ଦେଖାଇଲା ମିଳିତ ଅମଲା ମଞ୍ଚ

ମାଲକାନଗିରି,୬।୬ (ଡି.ଏନ୍.ଏ)


ମାଲକାନଗିରି ଅମଲା ମିଳିତ ମଞ୍ଚ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବର।

ସାରା ରାଜ୍ୟରେ ଅମଲା ମିଳିତ ମଞ୍ଚ ପକ୍ଷରୁ ଗତ ୧ ତାରିଖଠାରୁ ଏକଦଫା ଦାବି ପୂରଣ ନିମନ୍ତେ ଆନ୍ଦୋଳନ ଜାରି ରହିଛି। ଅମଲାମାନେ ସମୂହ ଛୁଟି ନେଇ ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। ଗତ୨ ତାରିଖରେ ବାଲେଶ୍ୱର ଜିଲା ବାହାନଗାଠାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ସେମାନଙ୍କ ଚିକିତ୍ସା ପାଇଁ ରକ୍ତର ଅଭାବ ପଡୁଥିବା ଜାଣି ମଙ୍ଗଳବାର ମାଲକାନଗିରି ଜିଲା ମିଳିତ ଅମଲା ମଞ୍ଚ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୪୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜିଲା ରକ୍ତଭଣ୍ଡାର ମାଧ୍ୟମରେ ଭୁବନେଶ୍ୱର ପଠାଇଛନ୍ତି। ଆଗାମୀ ଦିନରେ ଆହୁରି ରକ୍ତ ସଂଗ୍ରହ କରାଯିବା ସହ ଏହି ବିପଦ ସମୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମିଳିତ ଅମଲା ମଞ୍ଚ ତରଫରୁ ୫୧ ହଜାର ଟଙ୍କା ପଠାଯିବ ବୋଲି ମିଳିତ ଅମଲା ସଂଘର ଆବାହକ ଶ୍ୟାମ ନାୟକ କହିଛନ୍ତି।

**PARADIP PORT AUTHORITY**
**MARINE DEPARTMENT**
No.MD/ACCTS-WK-R-4/2022/731 Date:02/06/2023
**Second Corrigendum to e-Tender Call Notice (e-TCN) No.: MD/ACCTS/WK-R-4/2022/499 dt. 19/04/2023**
Name of the Work: "Supply of 01 No.60 Ton Bollard Pull Tug along with Manning crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender: ₹ 75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.26.06.2023. Technical Bids shall be opened at 16:00 hours on Dt.27.06.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA
PPA/PR/20/2023-24, Dt.06.06.2023

**ଦ.ପୂ. ରେଳପଥ - ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୨୩/୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ। **ଟେଣ୍ଡର ନଂ.:** ଇ-କେଜିପି-ସାଉଥ-୧୪-୨୦୨୩। **କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍ (ବାଲେଶ୍ୱର)/କେଜିପିଙ୍କ କ୍ଷେତ୍ରାଧିକାରରେ ଟିଆରଆର, ଟିଏଫଆର, ଟିଟିଆର, ଏସଇଜେ ନବୀକରଣ ଇତ୍ୟାଦି ସମେତ ବିବିଧ ପି.ୱେ ନବୀକରଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୧୧,୮୨,୭୩୦.୯୨; **ଅମାନତ ରାଶି:** ₹୨,୦୫,୯୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹):** ୦। **ଖୋଲାଯିବା ତାରିଖ:** ୨୩।୦୬।୨୦୨୩। **କାର୍ଯ୍ୟର ସମାପ୍ତି ଅବଧି:** ୧୨ (ବାର) ମାସ। **ବିଡ଼ିଂ ଆରମ୍ଭ ତାରିଖ:** ତା୦୯।୦୬।୨୦୨୩ରିଖଠାରୁ ତା୨୩।୦୬।୨୦୨୩ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ଅନଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-253)**

# ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା

ଉମରକୋଟ, ୬।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନାକରି ଉମରକୋଟ ଜନସାଧାରଣ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିର ନିକଟରେ ୨ ମିନିଟ୍ ନୀରବ ପ୍ରାଥନା କରିଛନ୍ତି। ଏଥିସହ ଏକ ଶୋକସଭାର ଆୟୋଜନ ମଧ କରାଯାଇଥିଲା। ଉପସ୍ଥିତ ବ୍ୟକ୍ତିମାନେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଏହିଭଳି ଦୁଃଖ ସମୟରେ ଭଗବାନ ସାହସ ଓ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଲୁ ପଣ୍ଡା, ବାଦଲ ପଟ୍ଟନାୟକ, ମନ୍ଦିରା ନାୟକ, ସନ୍ତୋଷ ଦଳେଇ ,ସନ୍ତୋଷ ନାୟକ, କୃପାରାମ ସାହୁ, ଅଶୋକ ପ୍ରଧାନ, ପ୍ରଦୀପ ସାହୁ ମାନସିକ ଦାସ, ରମେଶ ଦୋରା, ହରପ୍ରସାଦ ପାଣିଗ୍ରାହୀ, ରାମହାରୀ ସାହୁ , ସୁମନ୍ତ ସାହୁ, ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବେହେଡ଼ାରେ ଭାଜପାର ଜନସମ୍ପର୍କ ଅଭିଯାନ

ଉମରକୋଟ, ୬।୬(ସ୍ୱ.ପ୍ର.)

ଉମରକୋଟ ବିଧାନସଭା ନିର୍ବଚନ ମଣ୍ଡଳୀର ବେହେଡା ମଣ୍ଡଳ ମୁର୍ଣ୍ଡୁମାରେ ଭାଜପାର ଏକ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ରମେଶ ସାହୁ, ସୁରେଶ ଆଚାର୍ଯ୍ୟ, ବାସନ୍ତୀ ମାଝି, ମନ୍ଦିରା ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ହରପ୍ରସାଦ ପାଣିଗ୍ରାହୀ, ଦିନେଶ ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାଳବୈଶାଖୀରେ ଉଡ଼ିଗଲା ସାଂସଦଙ୍କ ଅଫିସର ଟିଣ ଛପର

ମାଲକାନଗିରି, ୬।୬ (ଡି.ଏନ୍.ଏ)

ମାଲକାନଗିରି ସହରର ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ଝଡ଼ତୋଫାନ ଯୋଗୁଁ ମାଲକାନଗିରି ସହରର ଅନେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହ ଘରର ଟିଣ ଛପର ଉଡି ଯାଇଥିବା ଦେଖିବାକୁ ମିଳିଛି। ମାଲକାନଗିରି ସାଂସଦଙ୍କ ଜିଲା ନୂତନ କାର୍ଯ୍ୟାଳୟର ଟିଣ ସମ୍ପୂର୍ଣ୍ଣ ଉଡି ଯାଇଥିବା ଦେଖିବାକୁ ମିଳିଛି। ନବନିର୍ମିତ କାର୍ଯ୍ୟାଳୟର ଶୁଭାରମ୍ଭ ହେବା ପୂର୍ବରୁ ଘରର ସମ୍ପୂର୍ଣ୍ଣ ଟିଣ ଛପର ଉଡିଯିବା ସହ ଭିତର ସିଲିଂ ସବୁ ନଷ୍ଟ ହୋଇ ଯାଇଛି। ଜୋରରେ ପବନ ହେବାରୁ କିଛି ଗଛ ଉପୁଡ଼ି ପଡ଼ିଥିବା ବେଳେ ଗଛର ଡାଳ ବିଦ୍ୟୁତ୍ ତାର ଉପରେ ଛିଡି ପଡ଼ିବାରୁ ଅଞ୍ଚଳରେ ବିଦ୍ୟୁତ ସରବହାର ବନ୍ଦ ହୋଇଯାଇଛି। ସେହିପରି ଅନେକ ମାଟି ଘରର ଛପର ଉଡି ଯାଇଥିବାବେଳ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ମାନେ ପ୍ରତି ୱାର୍ଡ ବୁଲି କ୍ଷୟକ୍ଷତିର ଆକଳନ କରୁଛନ୍ତି। ତେବେ ଅପରାହ୍ନ ୩ ବେଳକୁ ମାଲକାନଗିରି ଜିଲାର ତାପମାତ୍ରା ୪୩ ଡିଗ୍ରୀ ଥିବାବେଳେ ଅସହ୍ୟ ଗରମ ଯୋଗୁ ଲୋକେ ଅସସ୍ଥତା ଅନୁଭବ କରିଥିଲେ। କିନ୍ତୁ ହଠାତ୍ ଅପରାହ୍ନ ୪ ଟାରେ କାଳବୈଶାଖୀ ଯୋଗୁଁ ଲୋକେ ଗରମରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି।


କାଳବୈଶାଖୀ ପ୍ରଭାବରେ ଉଡ଼ିଯାଇଛି ଘରର ଟିଣ ଛପର ।

No.PP-13
**ସମ୍ବଲପୁରୀ ବସ୍ତ୍ରାଳୟ**
ପବିତ୍ର ରଜ ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
**୧୦%+୨୦%**
ତା୦୫।୦୬।୨୦୨୩ରୁ ତା୧୩।୦୬।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର
ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/11/0001/2324

# ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦାବିରେ ସ୍ମାରକପତ୍ର

### ଏୟାରଷ୍ଟ୍ରିପ ପାଚେରି ଭାଙ୍ଗିବା ଘଟଣା

ମାଲକାନଗିରି,୬।୬ (ଡି.ଏନ୍.ଏ)

କାଳବୈଶାଖୀର ପ୍ରଭାବ ଯୋଗୁ ମାଲକାନଗିରିରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ ପାଚେରି ଭାଙ୍ଗି ମୃତ୍ୟୁବରଣ କରିଥିବା ପରବାରକୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ଦାବି ହୋଇଛି। ଜିଲା ଭାରତୀୟ ଜନତା ପାର୍ଟି ତରଫରୁ ଜିଲା ସଭାପତି ନିମାଇ ଚନ୍ଦ୍ର ପାଲଙ୍କ ନେତୃତ୍ୱରେ ମଙ୍ଗଳବାର ୩ ଦଫା ଦାବି ନେଇ ଜିଲାପାଳ ବିଶାଲ ସିଂଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏୟାରଷ୍ଟ୍ରିପ ପାଚେରି କାମ ନିମ୍ନମାନର ହୋଇଥିବାବେଳେ ଏହାର ତଦନ୍ତ କରାଯିବା, ସରକାରୀ କର୍ମଚାରୀଙ୍କୁ ହାତ କରି କାଲିମେଳା ବ୍ଲକ ଭୁବନପାଲ୍ଲୀ ପଞ୍ଚାୟତର କୁନାନପାଲ୍ଲୀ ଓ ତାଣ୍ଡବାଇ ପଞ୍ଚାୟତର କଟନପଲ୍ଲୀରୁ ବେଆଇନ ଭାବେ ଧଳାପଥର ଲୁଟ୍ ଘଟଣାର ତଦନ୍ତ ଏବଂ କାଲିମେଳା ବ୍ଲକରେ ୧୦ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେବାର ବହୁବର୍ଷ ପରେ ମଧ ତାହା କାର୍ଯ୍ୟକାରୀ ହେଉ ନ ଥିବାବେଳେ ଏହାର ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯିବା ଘଟଣାର ତଦନ୍ତ କରାଯିବାକୁ ଦାବି ହୋଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ସମ୍ପାଦକ ନବଘନ ଲକେଇ, ଜିଲା କୋଷାଧକ୍ଷ ସଞ୍ଜୟ ସରକାର, ଜିଲା ଓବିସି ମୋର୍ଚ୍ଚା ସଭାପତି ବିଜୟ ମହାରଣା, ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର, କାଲିମେଳା ବ୍ଲକ ବିଧାୟକ ପ୍ରତିନିଧି ରାଜକିଶୋର ମଣ୍ଡଳ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ରତନ ବଣିକ ପ୍ରମୁଖ ଉପସ୍ଥିତ ଥିଲେ ।


ମାଲକାନଗିରି ଜିଲା ଭାଜପା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଆଇଇଟିକୁ ହରାଇ ମାଉଣ୍ଟେନ ବଏଜ୍ ଚାମ୍ପିୟନ

### ଚିତ୍ରକୋଣ୍ଡା ସିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଚିତ୍ରକୋଣ୍ଡା,୬।୬(ଡି.ଏନ୍.ଏ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ମିନି ଷ୍ଟାଡିୟମରେ ଚାଲିଥିବା ସିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆଇଇଟି କ୍ରିକେଟ ଟିମକୁ ପଛରେ ପକାଇ ମାଉଣ୍ଟେନ ବଏଜ୍ ବିଜୟୀ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ସମ୍ମାନୀତ ଅତିଥି ଭାବେ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକା, ଚିତ୍ରକୋଣ୍ଡା ସ୍ପୋର୍ଟ୍ସ କ୍ଲବର ସଭାପତି ଦେବେନ୍ଦ୍ର ଦାସ ଓ ସମ୍ପାଦକ ରାଜକମଲ ପୁରୋହିତ ଯୋଗ ଦେଇଥିଲେ। ଅତିଥିମାନେ ଚମ୍ପିୟାନ ଟିମକୁ ଟ୍ରଫି ସହ ୩୩ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ଆଇଇଟି କ୍ରିକେଟ ଟିମକୁ ରନର୍ସ ଅପ୍ ଭାବେ ଟ୍ରଫି ସହ ୩୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

ଚିତ୍ରକୋଣ୍ଡା ସ୍ପୋର୍ଟ୍ସ କ୍ଲବ ତରଫରୁ ଆଇପିଏଲ୍‌ର ଢାଞ୍ଚାରେ ଗତ ୨୯ ତାରିଖରେ ସ୍ୱାଭିମାନ ଅଞ୍ଚଳର ମିନି ଷ୍ଟାଡିୟମରେ ସିପିଏଲ୍ ମ୍ୟାଚ୍ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୬ଟି ଟିମକୁ ନେଇ ଦିନକୁ ୪ଟି ଟିମ ମଧ୍ୟରେ ଦୁଇଟି ମ୍ୟାଚ ଲେଖାଏଁ ଖେଳ ହୋଇଥିଲା। ଲିଗ ମ୍ୟାଚ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ମ୍ୟାନ ଅଫ ଦ ମ୍ୟାଚ ଖେଳାଳୀଙ୍କୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମ୍ୟାନ ଅଫ ଦ ସିରିଜକୁ ଟ୍ରଫି ସହ ୫ ହଜାର ଏବଂ ବେଷ୍ଟ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟକୁ ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉଦଯାପନୀ ଉତ୍ସବକୁ ସ୍ପୋର୍ଟ୍ସକ୍ଲବର ସଦସ୍ୟ ସୁଧାକର ନାୟକ, ଶ୍ରୀକାନ୍ତ ବେହେରା, ମାନସ ବେହେରା, ବାବୁ ବେହେରା, ନିକାସ ପାଢ଼ୀ, ଗୌତମ ଖେତ୍ରୀ, ଜ୍ୟୋତିରଞ୍ଜନ ମଣ୍ଡଳ, ପଙ୍କଜ ଦାସ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ।

**ନିବେଦନ**
**ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା**
ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ
ଦୟାକରି ଡାଏଲ୍ କରନ୍ତୁ
**139** ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍
**1929 କିମ୍ବା 1800-3450061** ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର
ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ ଦେଖିପାରିବେ
www.osdma.org - ସମସ୍ତ ସୂଚନା ଉପଲବ୍ଧ
www.srcodisha.nic.in - ମୃତକଙ୍କ ଫଟୋ
www.bmc.gov.in - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ
ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କଗୁଡ଼ିକ ମଧ ଦେଖିପାରିବେ
www.indianrailways.gov.in
www.irctc.co.in
ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ
D-1/23

**ସଂକ୍ଷେପରେ**

## ସୌରା ଭାଷା, ସଂସ୍କୃତି ସୁରକ୍ଷା ନେଇ ଆଲୋଚନା

### ପଦ୍ମପୁର ଗସ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ

ପଦ୍ମପୁର, ୬।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ ଗସ୍ତ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁର ବିଡିଓ ରୀନା ପ୍ରଧାନ, ଗୁଣପୁର ପିଆଇଟିଡିଏ ଶାନ୍ତି ପ୍ରଭା, ପଦ୍ମପୁର ଥାନାଧିକାରୀ ମୁକୁନ୍ଦଦେବ ନାୟକ। ଅଧିକାରୀ ଓ ଲୋକ ପ୍ରତିନିଧିମାନେ ପଦ୍ମପୁର ବ୍ଲକର ମରିଚଗୁଡା ଗ୍ରାମକୁ ଯାଇ ସୌରା ସମ୍ପ୍ରଦାୟଙ୍କ ଆରାଧ ଦେବତା ମାତାରାନ୍ନମ୍ ମନ୍ଦିର ବିକାଶ ସହ ସେମାନଙ୍କ ଭାଷାର ବିକାଶ କିଭଳି ହୋଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ପରେ ବହୁପଦର ଆଦର୍ଶ ବିଦ୍ୟାଳୟକୁ ଯାଇ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉକ୍ତ ଗସ୍ତ ସମୟରେ ଜିଲା ବିଜେଡ଼ି ଛାତ୍ର ସଭାପତି ପିଙ୍କୁ ପଣ୍ଡା, ଦୁର୍ଗା ସାହୁ, ରମାକାନ୍ତ ମାଝି, ରଘୁନନ୍ଦନ ନାୟକ, ମହେଶ ନାୟକ, ରବିନାରାୟଣ ଆଚାର୍ଯ୍ୟ, କୈଳାସ କ୍ରାସ୍କା, ପଦ୍ମପୁର ବ୍ଲକ ଉପାଧକ୍ଷ ରମେଶ ସାହୁଙ୍କ ସହ ବହୁ ବିଜେଡି ସମର୍ଥକ ଉକ୍ତ ଗସ୍ତରେ ସାମିଲ ହୋଇଥିଲେ। ପଦ୍ମପୁର ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ପୁଷ୍ପଲତା ମାଣ୍ଡାଙ୍ଗିଙ୍କୁ ପ୍ରକୃତି ମିତ୍ର ପୁରସ୍କାର



ଗୁଣପୁର,୬।୬(ଡି.ଏନ୍.ଏ)-ରାଜ୍ୟ ସରକାରଙ୍କ ଲୋକ ସେବା ଭବନରେ ସୋମବାର ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ହାଡୁଗୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ମାଣ୍ଡାଙ୍ଗି ଯୋଗଦେଇ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନିକଟରୁ ପ୍ରକୃତି ମିତ୍ର ପୁରସ୍କାର ମାନପତ୍ର ସହିତ ପୁରସ୍କାର ବାବଦକୁ ୨୫୦୦୦ ଟଙ୍କା ଗ୍ରହଣ କରିଛନ୍ତି। ଶିକ୍ଷକତା ସହିତ ପରିବେଶ ସୁରକ୍ଷା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ, ନିଜ ବିଦ୍ୟାଳୟର ପରିବେଶ ସ୍ୱଚ୍ଛତା ଏବଂ ସବୁଜ ସୁନ୍ଦର ରଖିବା ସହିତ ନିଜର ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଏବଂ ଫଳ ଫୁଲ ଚାଷ କରିଥାନ୍ତି। ଏହି କାର୍ଯ୍ୟରେ ତାଙ୍କ ସ୍ୱାମୀ ବୃନ୍ଦାବନ ମେନକା ତାଙ୍କୁ ସାହାଯ୍ୟ କରିଥାନ୍ତି। ମେନକା ତୁମ୍ଭାକଣା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ କରୁଛନ୍ତି। ସେ କୁଜେନ୍ଦ୍ରୀସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକଙ୍କ ଆଶ୍ରମର କୁନିକୁନି ପିଲାମାନଙ୍କୁ ପ୍ରତି ବର୍ଷ ବିଭିନ୍ନ ପାଠ୍ୟ ଉପକରଣ, ପୋଷାକ ପତ୍ର ପ୍ରଦାନ କରିଥାନ୍ତି। ପୁଷ୍ପଲତା ପ୍ରକୃତି ମିତ୍ର ପୁରସ୍କାର ପାଇଲା ପରେ ତାଙ୍କୁ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ଜୋର୍‌ସୋରରେ ଚାଲିଛି ରଥ ତିଆରି କାମ



ମୁନିଗୁଡ଼ା, ୬।୬(ଡି.ଏନ୍.ଏ.)- ମୁନିଗୁଡ଼ାରେ ରଥଯାତ୍ରା ପରିଚାଳନା କମିଟି, ମହାରଣା ପରିବାର ରଥଯାତ୍ରା ପ୍ରସ୍ତୁତି ନେଇ କାମ କରୁଛନ୍ତି। ରଥ ଖଳାରେ ରଥ କାଠ ସବୁ ଆସି ପହଞ୍ଚିଛି। ଏହାପରେ ମହାରଣାମାନେ ପ୍ରଚଣ୍ଡ ଖରାକୁ ଖାତିର ନକରି ବିଶ୍ୱ ନୀୟନ୍ତାଙ୍କ ନିମନ୍ତେ ଭବ୍ୟ ରଥ ଗଢିବାରେ ବ୍ୟସ୍ତ ଅଛନ୍ତି। ରଥ ନିର୍ମାଣ କାର୍ଯ୍ୟ ବିଶ୍ୱକର୍ମା ପରିବାର ପକ୍ଷରୁ ନୀତି ନିୟମ ଭିତରେ ଚାଲିଛି ବୋଲି ମହାରଣା ସମାଜ ସଭାପତି ଶ୍ରୀଧର ମହାରଣା ଓ ସମ୍ପାଦକ ସୁଧାକର ମହାରଣା କହିଛନ୍ତି। ସେହିପରି ରଥ ଖଳାରେ ମୁନିଗୁଡ଼ାର ବହୁ ପୁରୁଖା ମହାରଣାମାନେ ଉପସ୍ଥିତ ରହି ଯୁବ ମହାରଣାଙ୍କୁ କାରିଗରୀ କଳାର ମାର୍ଗଦର୍ଶନ ଦେଉଛନ୍ତି। ଶ୍ରୀଧର ମହାରଣା, ପ୍ରକାଶ ମହାରଣା,ନାରାୟଣ ମହାରଣା, ମୁକେଶ ମହାରଣା, ପ୍ରହଲ୍ଲାଦ ମହାରଣା, କାଳିଆ ମହାରଣା ଉତ୍ତମ ମହାରଣା ପ୍ରମୁଖ ରଥ ତିଆରି କରୁଥିବା ଦେଖିବାକୁ ମିଳିଛି। ଯଥା ସମୟ ମଧରେ ମୁନିଗୁଡ଼ାର ଭବ୍ୟ ଦିବ୍ୟ ରଥ ମହାବାହୁଙ୍କ ନିମନ୍ତେ ପ୍ରସ୍ତୁତ ହୋଇଯିବ ବୋଲି ରଥଯାତ୍ରା ପରିଚାଳନା କମିଟି ସଭାପତି ଭାଗୀରଥି ନାଗ ଓ ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓ ପ୍ରମୁଖ କହିଛନ୍ତି।

# ପାଣି ପାଇଁ ଧାରଣାରେ ଗ୍ରାମବାସୀ

- ଖାଲି ହାଣ୍ଡି ମାଠିଆ ଧରି ବ୍ଲକ ଅଫିସ ଆଗରେ ବସିଲେ ଗୋଡ୍ରାମୁହିଁ ବାସିନ୍ଦା
- ୩୬ ପରିବାରକୁ ଗୋଟିଏ ନଳକୂପ, ତାହା ପୁଣି ବର୍ଷେ ହେବ ଅଚଳ
- ନାଳ ପାଣି ବ୍ୟବହାର କରି ଲୋକେ ରୋଗରେ ପଡୁଥିବା ଅଭିଯୋଗ

ଟିକିରି, ୬।୬(ଡି.ଏନ୍.ଏ.)



ଗ୍ରାମବାସୀ ଧାରଣାରେ ବସିଛନ୍ତି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତ ଗୋଡ୍ରାମୁହିଁ ଗ୍ରାମବାସୀ ମଙ୍ଗଳବାର ପାନୀୟ ଜଳ ସମସ୍ୟା ନେଇ ବ୍ଲକ ଅଫିସ ଆଗରେ ଖାଲି ହାଣ୍ଡି ମାଠିଆ ଧରି ଧାରଣାରେ ବସିଛନ୍ତି। ଗାଁରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ସମାଧାନ ନ ହେବା ଯାଏ ଧାରଣାରେ ବସିବେ ବୋଲି ଗ୍ରାମବାସୀ କହିଛନ୍ତି। ଖବର ଲେଖା ଯିବା ସୁଦ୍ଧା ସେମାନେ ଧାରଣାରେ ବସିଥିବା ଜଣପଡ଼ିଛି।

ଗାଁରେ ପ୍ରାୟ ୩୬ ପରିବାର ରହୁଥିବା ବେଳେ ଜନସଂଖ୍ୟା ୧୬୦। ଗାଁକୁ ଯିବାକୁ ରାସ୍ତା ଟିଏ ନାହିଁ। ଏଠାକାର ପାନୀୟ ଜଳ ସମସ୍ୟା ମଧ୍ୟ ଅନୁରୂପ। ଗାଁରେ ଥିବା ଏକମାତ୍ର ନଳକୂପ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଖରାପ ହୋଇ ରହିଛି। ଏହାର ମରାମତି ପାଇଁ ଗ୍ରାମବାସୀ ପଞ୍ଚାୟତରେ ବାରମ୍ବାର କହି ନିରାଶ ହେଲେଣି। ତଥାପି ମଧ୍ୟ ପ୍ରଶାସନ ଶୁଣୁନାହିଁ। ବାଧ୍ୟ ହୋଇ ଗ୍ରାମବାସୀ ଦୈନନ୍ଦିନ କାମ ପାଇଁ ଗାଁ ନିକଟ ନାଳ ପାଣି ଉପରେ ନିର୍ଭର କରନ୍ତି। ଫଳରେ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାର ଅଜଣା ରୋଗର ଶିକାର ହେବାକୁ ପଡୁଛି। ଉକ୍ତ ଅସୁବିଧା ସମ୍ପର୍କରେ ପ୍ରଶାସନକୁ ଜଣାଇବା ପରେ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ଧାରଣାରେ ବସିଛୁ ବୋଲି ଗ୍ରାମବାସୀ କହିଛନ୍ତି। ପାଣି ସୁବିଧା କଲେ ଧାରଣାରୁ ହଟିବୁ ବୋଲି ଗ୍ରାମବାସୀ ଅଭିଯୋଗ ପତ୍ର ଦେଇଛନ୍ତି। କିରାଣୀ ପ୍ରତ୍ୟୁଷ ରଞ୍ଜନ ଲିମା ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ବିଡିଓଙ୍କୁ ଜଣାଇ ଅତିଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରକଳ୍ପ ବୁଲି ଦେଖିଲେ ବିଜେଡି ସାଂଗଠନିକ ସମ୍ପାଦକ

ବିଷମକଟକ, ୬।୬ (ଡି.ଏନ୍.ଏ)

**୮ରେ ୫-ଟି ସଚିବଙ୍କ ବିଷମକଟକ ଗସ୍ତ**

ଆସନ୍ତା ୮ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ବିଷମକଟକ ଗସ୍ତକୁ ନେଇ ରାଜନୈତିକ ଦଳ ଓ ସରକାରୀ ଅଧିକାରୀ ଚଳଚଞ୍ଚଳ ହୋଇଉଠିଛନ୍ତି। ୫ଟି ସଚିବଙ୍କ ଗସ୍ତକୁ ନେଇ ରାଜନେତାଙ୍କ ଅପେକ୍ଷା ସରକାରୀ ଅଧିକାରୀ ଅଧିକ ଚିନ୍ତିତ ଥିବା ଦେଖିବାକୁ ମିଳିଛି। ୫ଟି ଅଧୀନରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ପାଇଁ ସଚିବ ଶ୍ରୀ ପାଣ୍ଡିୟାନ ୮ ତାରିଖରେ ବିଷମ କଟକ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାବେଳେ ତାଙ୍କ ପୂର୍ବରୁ ମଙ୍ଗଳବାର ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଷମ କଟକ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ୫ ଟି ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ବୁଲି ଦେଖିଛନ୍ତି। ଶ୍ରୀ ଦାସ ପ୍ରଥମେ ବିଷମ କଟକ ବ୍ଲକରେ ପହଞ୍ଚିବା ପରେ ନିୟମଗିରି କୁର୍ଲୀ ପଞ୍ଚାୟତର ଖଜୁରୀ ଗ୍ରାମରେ ନିର୍ମାଣଧୀନ ଇକ କଟେଜ ଓ ଚାଟିକୋଣ ପଞ୍ଚାୟତର ସଦର ପର୍ଯ୍ୟଟନ ସ୍ଥଳୀ ପାତାଳେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିଥିଲେ। ସେଠାରେ ସେ ମନ୍ଦିର ସଭାପତି ମହେନ୍ଦ୍ର ଚୌହାନଙ୍କ ସହ ମନ୍ଦିରର ଉନ୍ନତିକରଣ ଉପରେ ଆଲଚନା କରିଥିଲେ । ପରେ ବିଷମ କଟକର ମିଶନ ଶକ୍ତି କାଫେରେ ପହଞ୍ଚି ମହିଳାଙ୍କ ସହ ଆଲଚନା କରିବା ସହିତ ମହିଳାମାନଙ୍କ ଅକ୍ଳାନ୍ତ ପରିଶ୍ରୀମ ଏବଂ ଆଗ୍ରହକୁ ଦେଖି କାଫେକୁ ସୁରୁଖୁରୁରେ ଚଳାଇବା ନିମନ୍ତେ ଶ୍ରୀ ଦାସ ନଗଦ ୧ ଲକ୍ଷ ୫୦ ହାଜର ଟଙ୍କା ପ୍ରଦାନ କରିଥିଲେ । ପରେ ସ୍ଥାନୀୟ ନିଳିଆ ବନ୍ଧ ବୁଲି ଦେଖିବା ସହ ବିଜେଡି ପାର୍ଟି କାର୍ଯ୍ୟାଳୟର ମରାମତି ପାଇଁ ୧୦ ଲକ୍ଷ ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ଦାସଙ୍କ ସହିତ ରାୟଗଡା ଯୋଜନା କମିଟି ଅଧକ୍ଷ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ପଛୁଆ ବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ ଓ ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୂୟା ମାଝି, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ରାୟଗଡା ବିଧାୟକ ମୋକରନ୍ଦ ମୁଦୁଲି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଉପଦେଷ୍ଟା ତଥା ଜିଲା ସଭାପତି ସୁଧୀର କୁମାର ଦାଶ, ପଛୁଆ ବର୍ଗ ବ୍ୟାପାର ଉପଦେଷ୍ଟା ପୃଥିବୀରାଜ ସାହୁ, ଡି ଶିବ ପ୍ରସାଦ , ବ୍ଲକ ଅଧକ୍ଷା ଯଶୋଦା ହୁଇଲା, ଉପଢ଼ଯ୍ୟ ଦେବୀ ପ୍ରଶାଦ ପଟ୍ଟନାୟକ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଓଡ଼ିଆରେ ସୁନ୍ଦର, ନିର୍ଭୁଲ୍ ନାମଫଳକ ଲେଖିବାକୁ ନିର୍ଦ୍ଦେଶ

**ନିୟମ ଖିଲାପ କରୁଥିବା ସରକାରୀ, ବେସରକାରୀ ପ୍ରତିଷ୍ଠାନ ଦେବେ ଜରିମାନା**

ଗୁଣପୁର,୬।୬(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲେଖିବା ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ପଞ୍ଜୀକରଣ ଉପରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଳିତ କୁମାର କହଁରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାୟଗଡ଼ା ସହକାରୀ ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ, ପୌରସଂସ୍ଥା ଉପାଧକ୍ଷ ଶିବପ୍ରସାଦ ଗୌଡ଼, ଗୁଣପୁର ସହକାରୀ ଶ୍ରମ ଅଧିକାରୀ ସ୍ୱାତିଲଗ୍ନା ପାତ୍ର ମଞ୍ଚାସୀନ ଥିଲେ।

ପ୍ରତ୍ୟେକ ବାଣିଜ୍ୟିକ ଅନୁଷ୍ଠାନ ଅନ୍‌ଲାଇନ ମାଧ୍ୟମରେ ନିଜ ଅନୁଷ୍ଠାନକୁ ଶ୍ରମ ବିଭାଗ ଅଧୀନରେ ପଞ୍ଜୀକୃତ କରିବା ନିମନ୍ତେ ରାୟଗଡ଼ ସଦର ସହକାରୀ ଶ୍ରମଧିକାରୀ ସଞ୍ଜୟ କୁମାର ରଇତ ଅନୁରୋଧ କରିଥିଲେ। ସମସ୍ତ ଅନୁଷ୍ଠାନରେ ଓଡ଼ିଆ ନାମଫଳକ ସୁନ୍ଦର ଓ ନିର୍ଭୁଲ୍‌ଭାବେ ଲେଖିବା ନିମନ୍ତେ ତହସିଲଦାର ଅନୁରୋଧ କରିଥିଲେ। ସାମାଜିକ କର୍ମୀ ଅକ୍ଷୟ ଦାସ, ଆଇନଜୀବୀ ରମେଶ ଲିମା, ଇନ୍ଦ୍ରାକ୍ଷୀ ଦାସ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାରକରି ଲୋକଙ୍କୁ ସଚେତନ କରିବା ନିମନ୍ତେ ଅନୁରୋଧ କରିଥିଲେ। ଓଡ଼ିଶା ଦିବସ ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ରତି ଦୋକାନରେ ବୁଲି ଓଡ଼ିଆ ନାମ ଫଳକ ଲେଖିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଯାହା କିଛି ଲେଖା ହୋଇଛି ଓ ଯେଉଁମାନେ ଲେଖି ନାହାନ୍ତି ସେମାନଙ୍କୁ ସ୍ୱଳ୍ପ ଦିନର ସୂଚନା ଦେଇ ଆବଶ୍ୟକ ଜରିମାନା କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ବିଭାଗ ପକ୍ଷରୁ ଚଢ଼ାଉ ହେଲେ ପ୍ରଥମ ଥର ୫୦୦୦ ଓ ୨ରୁ ଅଧିକ ଥର ହେଲେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇ ପାରିବ ବୋଲି ବୈଠକରେ କୁହାଯାଇଛି। ଏହି ବୈଠକରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍ ସନ୍ତୋଷ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ସାହାରା ପରାମର୍ଶ କେନ୍ଦ୍ର ସଚିବ ପ୍ରମୋଦ କୁମାର ସାହୁ, ମିଲ ମାଲିକ ସଂଘ ସଭାପତି ଶ୍ରୀଧର, ସମ୍ପାଦକ ପଙ୍କଜ ପାଣିଗ୍ରାହୀ, ଜୁଏଲର ସଂଘ ସଭାପତି, ବଣିକ ସଂଘ, ମୋଟର ଚାଳକ ସଂଘ, ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ ମୁଖ୍ୟ ଉପସ୍ଥିତ ଥିଲେ।

## ଜିଲାରେ ୧୦ କେସିସି ବ୍ୟାଙ୍କ ସମେତ ପ୍ରତି ବ୍ଲକରେ ହେବ ପଣ୍ୟାଗାର

ରାୟଗଡ଼ା,୬।୬(ସ୍ୱ.ପ୍ର.)

ରାଜ୍ୟ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ରାୟଗଡ଼ା ଗସ୍ତରେ ଆସି ନିଜ ବିଭାଗର ସମୀକ୍ଷା କରିଛନ୍ତି। ରାୟଗଡ଼ା ଜିଲାରେ ନୂତନ ପଣ୍ୟାଗାର ଓ ସମବାୟ ବ୍ୟାଙ୍କ ନିର୍ମାଣ ହେବା ନେଇ ସୂଚନା ଦେଇଛନ୍ତି ମନ୍ତ୍ରୀ ଅତନୁ ସବ୍ୟସାଚୀ। ଧାନ ଓ ଚାଉଳ ସଂରକ୍ଷଣ ପାଇଁ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ପଣ୍ୟାଗାର ଖୋଲାଯିବ। ସେହିଭଳି ଜିଲାରେ ୧୦ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖୋଲାଯିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି। ଲ୍ୟାମ୍ପ ସଂଖ୍ୟା ଅନୁପାତରେ ବ୍ୟାଙ୍କ ଶାଖା ମଧ୍ୟ ବଢ଼ିବ। ପଣ୍ୟାଗାର ଏବଂ ବ୍ୟାଙ୍କ ଶାଖା ବଢ଼ିଲେ ବ୍ଲକସ୍ତରରେ ଚାଷୀମାନଙ୍କୁ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହ ଆଗାମୀ ଦିନରେ ଚାଷୀଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ରାୟଗଡ଼ାରେ ଅତ୍ୟାଧୁନିକ ଅଡିଟୋରିୟମ ଉଦ୍‌ଘାଟିତ


ବିଜୁ ପଟ୍ଟନାୟକ ଅଡ଼ିଟୋରିୟମକୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରୁଛନ୍ତି।

ରାୟଗଡା ଅଫିସ,୬।୬

ରାୟଗଡା ସହରର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମକୁ ମଙ୍ଗଳବାର ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ ଉଦଘାଟନ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅନୁସୂଚିତ ଜାତି ଜନଜାତି ସଂଖ୍ୟା ଲଘୁ ସମ୍ପ୍ରଦାୟ ବିଭଗୀୟ ମନ୍ତ୍ରୀ ଜଗନ୍ନାଥ ଶାରକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ପୂର୍ବ ତନ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓ, ଏସପି ବିବେକାନନ୍ଦ ଶର୍ମା, ପୌର ପରିଷଦ ଅଧକ୍ଷ ପି ମହେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

୮ କୋଟି ୫୦ ହଜାର ଟଙ୍କା ବ୍ୟୟରେ ପିଡବ୍ଲୁଡି ବିଭାଗ ଦ୍ୱାରା ଏହି ଅତ୍ୟାଧୁନିକ ଅଡିଟୋରିୟମରେ ନିର୍ମାଣ ହୋଇଥିବା ଜଣାପଡ଼ିଛି। ତେବେ ଅଡିଟୋରିୟମଟି ସେଣ୍ଟ୍ରାଲାଇଜଡ ଏସି ହୋଇଥିବା ବେଳେ ଏଥିରେ ଏକାସାଙ୍ଗରେ ୫୫୦ ଜଣ ଲୋକ ବସିକି କାର୍ଯ୍ୟକ୍ରମ ଦେଖିବାର ପ୍ରାବଧାନ ରହିଛି । ଏଠାରେ ବିଭିନ୍ନ ପ୍ରକାରର ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ମୁଖ୍ୟ ଅତିଥି ମନ୍ତ୍ରୀ ଅତନୁ ସବ୍ୟସାଚି ସୂଚନା ଦେଇଥିଲେ ।

## ଦୁର୍ଘଟଣା ମୃତକ ଉଦ୍ଦେଶ୍ୟରେ ଶୋକସଭା



ଗୁଣପୁର,୬।୬(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ସହରସ୍ଥିତ ବିବିଏନ୍ ପୂଜା କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଶୋକସଭା ପାଳନ କରାଯାଇଛି। ବାଲେଶ୍ୱର ଜିଲା ବାହାନଗାରେ ହୋଇଥିବା ଟ୍ରେନ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡଲ ଜାଳି ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ସେହିଭଳି ପୂର୍ତ୍ତବିଭାଗ ବଙ୍ଗଳାରେ ବିଜେଡି ପକ୍ଷରୁ ମଧ ଶୋକସଭା କରାଯାଇଥିଲା। ଏଥିରେ ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ରାମ ପଣ୍ଡା, ପିଙ୍କୁ ପଣ୍ଡା,ଏସ୍.ବାବା ପ୍ରସାଦଙ୍କ ସହ ବହୁ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

## ପାଚିକା, ସହାୟିକାଙ୍କୁ ଖାଦ୍ୟ ନିରାପତ୍ତା ତାଲିମ

ଗୁଡ଼ାରି, ୬।୬(ଡି.ଏନ୍.ଏ.)


ତାଲିମ ନେଉଥିବା ପାଚିକା ଓ ସହାୟିକାମାନେ।

ରାୟଗଡ଼ା ଜିଲା ଗୁଡ଼ାରିସ୍ଥିତ ସରକାରୀ ହାଇସ୍କୁଲରେ ବିଇଓଙ୍କ ପକ୍ଷରୁ ମଙ୍ଗଳବାର ବ୍ଲକରେ କାର୍ଯ୍ୟରତ ପାଚିକା ତଥା ସହାୟିକାଙ୍କୁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ କିପରି ସ୍ୱଚ୍ଛତା, ପରିଷ୍କାର ରଖିବା ସହ କେଉଁ କେଉଁ ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଗଲା। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ କିପରି ଉତ୍ତମ ପରିବେଶରେ ପୁଷ୍ଟିକର ଖାଦ୍ୟ ଦିଆଯିବ ତାହା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏବିଇଓ ନବକୃଷ୍ଣ ଗମାଙ୍ଗ ଓ ଚାଙ୍ଗୁଡା ରୂପମାଝି ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ରାଜ୍ୟସ୍ତରରେ ତାଲିମ ପାଇଥିବା ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ପାଚିକା ଗୋରୀ ଶବର ଓ ସିଆରସିସି ବିଭୀଷଣ ସୂର୍ଯ୍ୟ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪୭ ବିଦ୍ୟାଳୟର ପାଚିକା ଓ ସହାୟିକା ତାଲିମ ନେଇଥିଲେ। ପର୍ଯ୍ୟାୟକ୍ରମେ ବ୍ଲକର ସମସ୍ତ ପାଚିକା ଓ ସହାୟିକାଙ୍କୁ ଏହି ତାଲିମ ପ୍ରଦାନ କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି। ମଧ୍ୟାହ୍ନ ଭୋଜନ ପରିଚାଳକ ଷ୍ଟିଫେନ ପ୍ରଧାନ, ହେମରାଜ ବାରିକ, ଅମିତ ପୁରୋହିତ, ନୀଳାଞ୍ଚଳ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଗୋଷ୍ଠୀ କନ୍ଦଳ ହଟାଇ ନିର୍ବାଚନ ପ୍ରସ୍ତୁତି ପରାମର୍ଶ

ରାୟଗଡ଼ା,୬।୬(ସ୍ୱ.ପ୍ର.)

**ରାୟଗଡ଼ା ନେତାଙ୍କ ସହ ଆଲୋଚନା କଲେ ପ୍ରଣବ, ଅତନୁ**

ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ରାୟଗଡ଼ା ଜିଲାରେ ହୋଇଛି ବିଜେଡିର ବୈଠକ। ମଙ୍ଗଳବାର ରାୟଗଡ଼ା ଗସ୍ତରେ ଆସିଥିବା ବେଳେ ସର୍କିଟ ହାଉସରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଦଳର ତୁଙ୍ଗନେତାଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ରାଜ୍ୟ ବିଜେଡି ସମ୍ପାଦକ ତଥା ରାୟଗଡ଼ା ଜିଲା ସହକାରୀ ପର୍ଯ୍ୟବେକ୍ଷକ ରଞ୍ଜିତ ରାୟ, ଜିଲା ସଭାପତି ସୁଧୀର ଦାସ, ପୌରାଧକ୍ଷ ପି.ମହେଶ ପଟ୍ଟନାୟକ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ଦଳ ଭିତରେ ରହିଥିବା ଗୋଷ୍ଠୀ କନ୍ଦଳ ଆଗାମୀ ଦିନରେ ବିଜେଡି ପାଇଁ କଣ୍ଟା ସାଜିପାରେ। ତେଣୁ ଏହାକୁ ପ୍ରଶମିତ କରିବା ପାଇଁ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ କରିବା ସହିତ ଲୋକଙ୍କ ନିକଟତର ହେବାକୁ ପ୍ରଣବ ଓ ଅତନୁ ନେତାଙ୍କୁ ପରାମର୍ଶ ଦେଇଛନ୍ତି । ଆଗାମୀ ନିର୍ବାଚନରେ ଦଳ କିଭଳି ଭାବେ ଜିଲାର ୩ଟି ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ବିଜୟୀ ହେବ ସେଥିପ୍ରତି ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଦଳର ନୂତନ କମିଟି ବିଷୟରେ ମଧ ଆଲୋଚନା ହୋଇଥିବା ଜଣାପଡ଼ିଛି ।

# ଖୋଲିଲା ଗାଁ ଆମ୍ବ ପସରା


ରାୟଗଡ଼ା ଜିଲାପାଳ ଆମ୍ବ ପସରାକୁ ଉଦ୍‌ଘାଟନ କରୁଛନ୍ତି।


ଏସ୍‌ଏଚ୍‌ଜି ମହିଳାମାନେ ଆମ୍ବ ବିକ୍ରି କରୁଛନ୍ତି।

ରାୟଗଡ଼ା ଅଫିସ, ୬।୬

ରାୟଗଡ଼ା ସହରର ହୋଟେଲ ତେଜସ୍ୱୀ ସମ୍ମୁଖ ପଡ଼ିଆରେ ଓର୍‌ମାସ ଓ ମିଶନ ଶକ୍ତି ମିଳିତ ଉଦ୍ୟମରେ ମଙ୍ଗଳବାର ଖୋଲାଯାଇଛି ଗାଁ ଆମ୍ବ ପସରା। ରାୟଗଡା ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତା କାଟି ଆମ୍ବ ପସରାର ଶୁଭାରମ୍ଭ କରିଥିଲେ। ୫ଦିନ ପର୍ଯ୍ୟନ୍ତ ଚାଲିବ ଏହି ଆମ୍ବ ପସରା। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, ଓର୍‌ମାସ ଉପନିର୍ଦ୍ଦେଶକ ମନୋଜ ପାତ୍ର, ମିଶନ ଶକ୍ତି ଡିପିସି ନିରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାୟଗଡ଼ା ଆମ୍ବ ପସରାରେ ୨୦ଟି ଷ୍ଟଲ୍ ଏବଂ ଜେକେପୁରରେ ୪ଟି ଷ୍ଟଲ ଖୋଲାଯାଇଛି । ରାୟଗଡ଼ା ଜିଲାର

**୫ ଦିନରେ ୫୦୦ ଟନ୍ ବିକ୍ରି ଲକ୍ଷ୍ୟ ରଖିଛି ସଂସ୍ଥା**

ବିଷମକଟକ, ମୁନିଗୁଡ଼ା, କୋଲନରା, କାଶୀପୁର ଏସ୍‌ଏଚ୍‌ଜି ଗ୍ରୁପ୍, କୃଷକ ଉତ୍ପାଦକ ସଂସ୍ଥା ଓ ଉତ୍ପାଦକ ସଂସ୍ଥା ପକ୍ଷରୁ ଆମ୍ରପାଲି, ଦଶରୀ, ହାତୀମୁଣ୍ଡ, ଲେଙ୍ଗଡ଼ା, ମଲ୍ଲିକା, ବାଇଗଣପାଲି, ହିମସାଗର, ସୁନ୍ଦରୀ, ଆଖୁରସ ଭଳି ବିଭିନ୍ନ କିସମର ସ୍ୱାଦିଷ୍ଟ ଆମ୍ବ ବଜାରରୁ ସୁଲଭ ମୂଲ୍ୟରେ ଏଠାରେ ବିକ୍ରି କରାଯାଉଛି । ଚଳିତ ବର୍ଷ ପାଖାପାଖି ୫୦୦ ଟନ ପର୍ଯ୍ୟନ୍ତ ଆମ୍ବ ବିକ୍ରି କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ନେଇ ଓର୍‌ମାସ ଉପ ନିର୍ଦ୍ଦେଶକ ମନୋଜ ପାତ୍ର କହିଛନ୍ତି। ଏହି ପସରାରେ ଆମ୍ବ ବିକ୍ରିକରି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି ଏସ୍‌ଏଚ୍‌ଜି ଗୋଷ୍ଠୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁନ୍ , ୨୦୨୩

**ସଚେତନତା ଶିବିର**

ଡାବୁଗାଁ, (ଡି.ଏନ୍.ଏ.)- ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟରେ ଏସ୍‌ବିଆଇ ପକ୍ଷରୁ ଜନସୁରକ୍ଷା ଯୋଜନା ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଲିଡ ବ୍ୟାଙ୍କ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ତପନ ସାହୁ ମୁଖ୍ୟ ଅତିଥି ଯୋଗଦେଇ ସରକାରଙ୍କ ପକ୍ଷରୁ ଏସ୍‌ବିଆଇରେ ଜନଧନ , ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା ଖାତା ଖୋଲିବା ସମ୍ପର୍କରେ ବୁଝାଇଥିଲେ। ଲିଡ ବ୍ୟାଙ୍କ ଚିଫ୍ ମ୍ୟାନେଜର କେ. ନାରାୟଣ ରାଓ, ଆରସେଟି ନିର୍ଦ୍ଦେଶକ ଜି. ପ୍ରସାଦ, ଡାବୁଗାଁ ଏସ୍‌ବିଆଇ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଜୁନାପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ହଳଧର ଯାନୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ପଣ୍ଡରା ମାଳି ସମାଜ ସେବା ସଂଘ ଗଠିତ

ଚନ୍ଦାହାଣ୍ଡି, ୬।୬ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସାଲେଭଟା ଗ୍ରାମରେ ପଣ୍ଡରା ମାଳି ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପରମାନନ୍ଦ ନାୟକ ସଭାପତିତ୍ୱ କରିଥିଲେ। ବୈଠକରେ ସମାଜରେ ନାରୀଶିକ୍ଷା, କୁସଂସ୍କାର ଉପରେ ଆଲୋଚନା କରାଯାଇଥିଲା। ସମାଜକୁ କିପରି ସବୁ ଦିଗରେ ଆଗେଇ ନିଆଯିବ ସେଥିପାଇଁ ଏକ ପୂର୍ଣ୍ଣାଙ୍ଗ କମିଟି ସର୍ବସମ୍ମତି କ୍ରମେ 'ପଣ୍ଡରା ମାଳି ସମାଜ ସେବା ସଂଘ' ଗଠନ କରାଯାଇଥିଲା। ଉକ୍ତ ସେବାସଂଘ ସଭାପତିଭାବେ ଅଧୀରାଜ ନାୟକ, ଉପସଭାପତି ବିଜୟ ବୋଡ଼କିଆ, ସମ୍ପାଦକ ଦିବାକର ନାୟକ, ସହସମ୍ପାଦକ ବାସୁଦେବ ଟୋଲଟିଆ, କୋଷାଧକ୍ଷ ଉଗ୍ରସେନ ମାଳି, ସଞ୍ଚାଳକଭାବେ ଯତୀନ୍ଦ୍ର ନାୟକ, ଚଲାନ ନିରଞ୍ଜନ ପାରିଙ୍କୁ ମନୋନୀତ କରାଯାଇଥିଲା। ଡମ୍ବରୁଧର ନାୟକ, କାର୍ତ୍ତିକ ମାଳି, ମହେନ୍ଦ୍ର ନାୟକ, ବିଶ୍ୱମ୍ଭର ନାୟକ, କଣ୍ଠେଶ୍ୱର ନାୟକ, ଗିରିଧାରୀ ନାୟକ, ସୋମନାଥ ନାୟକ, ଅନନ୍ତ ମଶ୍ରା, ପୁରୁଷୋତ୍ତମ ମାଳି, ଲକ୍ଷ୍ମଣ ନାୟକ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

### ଭାରତମାଳା ରାସ୍ତା ସହ ଅନ୍ୟ କାମ ଦେଖିଲେ ଭାଜପା ନେତା

ନବରଙ୍ଗପୁର,୬।୬(ବି.ପ୍ର.)- ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ବିକାଶ ତୀର୍ଥ ପରିଦର୍ଶନ କାର୍ଯ୍ୟକ୍ରମ କରାଯାଇଛି। କେନ୍ଦ୍ର ସରକାରଙ୍କ ବହୁ ଲୋକାଭିମୁଖୀ ଯୋଜନାର ବିଭିନ୍ନ ପ୍ରକଳ୍ପକୁ ବିକାଶ ତୀର୍ଥ ନାମରେ ଅଭିହିତ କରି ଭାଜପା ନେତୃମଣ୍ଡଳୀ ସେଗୁଡିକ ପରିଦର୍ଶନ କରିଛନ୍ତି। ପିଏମ୍ ଗତିଶକ୍ତି ଅଧୀନରେ ଥିବା ଭାରତମାଳା ପରିଯୋଜନାରେ ରାୟପୁର-ବିଶାଖାପାଟଣା ରାସ୍ତା ନବରଙ୍ଗପୁର ଦେଇ ଯାଉଛି। ରାଜ୍ୟ ଭାଜପା ଉପସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଭାଜପା ନେତୃମଣ୍ଡଳୀ ସଦର ବ୍ଲକର ଦେଉଳାଠାରେ ଭାରତମାଳା ରାସ୍ତା ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ପରେ ମଡେଲ ଡିଗ୍ରୀ କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ପୋଷ୍ଟ ଅଫିସ ପରିଦର୍ଶନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ନବରଙ୍ଗପୁର ଜିଲାରେ ବିକାଶ ଯାତ୍ରା ଆରମ୍ଭ ହୋଇଛି। ଅକ୍ସିଜେନ ପ୍ଲାଣ୍ଟ ପାଇଁ ଅନୁଦାନ, ଜଳାଶୟ ସୁରକ୍ଷା ପାଇଁ ଅମୃତ ସରୋବର, ପ୍ରଧାନମନ୍ତ୍ରୀ ଆବାସ, ଲୋ ଭୋଲ୍‌ଟେଜ ଦୂରୀକରଣ ପାଇଁ ସବ୍ ଷ୍ଟେଶନ ନିର୍ମାଣ ସହାୟତା, ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଭଳି ଅନେକ ଜନକଲ୍ୟାଣ କାର୍ଯ୍ୟ ହୋଇଛି ବୋଲି ଭାଜପା ନେତାମାନେ କହିଛନ୍ତି। ଜୟପୁର - ନବରଙ୍ଗପୁର ରେଳ ପଥପାଇଁ ଅନୁଦାନ ଯୋଗାଇ ଦିଆଯାଇଛି। ରାଜ୍ୟ ସରକାର ଜମି ଯୋଗାଉ ନ ଥିବାରୁ ଏହି ପ୍ରକଳ୍ପ କାମ ଆଗେଉ




ନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ନଗର ମୋର୍ଚ୍ଚା ସଭାପତି ଶ୍ରୀଧର ପତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁବ୍ରତ ମିଶ୍ର, ମିଡିଆ ସଂଯୋଜକ ଦେବଦାସ ମହାକୁଡ଼, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, କାଉନସିଲର ଏ.ସତୀଶ, ଅମିତ ପ୍ରଧାନ, ମମତା ମହାରଣା, ମିନତୀ ପଟ୍ଟନାୟକ, ସନ୍ତୋଷ ଭତରା, ମାନସ ତ୍ରିପାଠୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମୋବାଇଲ ଲାଇଟ୍‌ରେ ଚାଲିଛି ସ୍ୱାସ୍ଥ୍ୟସେବା

ଉମରକୋଟ, ୬।୬(ଡି.ଏନ୍.ଏ.)

- ଦିନସାରା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ କରେଣ୍ଟ
- ରୋଗୀ ହନ୍ତସନ୍ତ

ନବରଙ୍ଗପୁର ଜିଲାର ଦ୍ୱିତୀୟ ବୃହତମ ଡାକ୍ତରଖାନା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଜିଲାର ୫ ଟି ବ୍ଲକ ସହ ପୋଡ଼ଶୀ ଛତିଶଗଡ଼ର ରୋଗୀ ନିର୍ଭର କରନ୍ତି। କିନ୍ତୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଅସୁବିଧା ଭୋଗୁଛନ୍ତି ରୋଗୀ। ମଙ୍ଗଳବାର ଡାକ୍ତରଖାନାରେ ଦିନ ତମାମ କରେଣ୍ଟ ନ ଥିଲା। ଫଳରେ ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ଅନେକ ରୋଗୀ ଅନ୍ଧାରରେ ଚିକିତ୍ସିତ ହେଉଛନ୍ତି। ଖରା ଦିନ ହୋଇଥିବାରୁ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ହେଉଛି। ଏଭଳି ପରିସ୍ଥିତିରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ସାଧାରଣ ରୋଗୀ ଏପରି ସମସ୍ୟା ଭୋଗିଛନ୍ତି। ରୋଗୀଙ୍କ ସମ୍ପର୍କୀୟମାନେ ରୋଗୀଙ୍କୁ ଖବର କାଗଜ ଓ କପଡାରେ ବିଞ୍ଚୁଥିବା ଦେଖିବାକୁ ମିଳିଛି। ଏଭଳିକି ଯେଉଁ ରୋଗୀ ମାନଙ୍କୁ ରକ୍ତ ଦିଆଯାଉଛି ସେଠାରେ ମଧ ଅନ୍ଧାର ଅଛି।



ସମ୍ପର୍କୀୟମାନେ ମୋବାଇଲ ଲାଇଟ୍‌ରେ କାମ ଚଳାଉଥିବା ଦେଖିବାକୁ ମିଳିଛି। ଏ ନେଇ ମେଡିକାଲ ଅଫିସର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଡାକ୍ତରଖାନା ପରିସରରେ କାମ ଚାଲିଛି। ଜେସିବିରେ ମାଟି ଖୋଳିବା ସମୟରେ ତାର କାଟି ଯାଇଥିବାରୁ ବିଜୁଳି କଟି ଯାଇଛି। କିଛି ସମୟରେ ତାହା ଠିକ ହୋଇଯିବ ବୋଲି କହିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଖବର ଲେଖାଯିବା ସୁଦ୍ଧା ଡାକ୍ତରଖାନାରେ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। ଅନ୍ୟ ପକ୍ଷରେ ମେଡିକାଲରେ ରହିଥିବା ଜେନେରେଟର ବହୁ ଦିନ ଧରି ଖରାପ ହୋଇ ରହିଥିବା ବେଳେ ଅକ୍ସିଜେନ ବିଭାଗ ଜେନେରେଟରକୁ ଜରୁରୀ କାଳୀନ ବିଭାଗରେ ବ୍ୟବହାର କରା ଯାଉଛି। ଜେନେରେଟର ତିଆରି କରିବା ପାଇଁ ଜିଲା ଅଧିକାରୀଙ୍କୁ ଚିଠି ଲେଖା ଯାଇଛି। ଅତିଶିଘ୍ର ତାହା ତିଆରି ହୋଇଯିବ ବୋଲି କହିଛନ୍ତି ମେଡିକାଲ ଅଫିସର ।

### ଚାଷଜମିରୁ ସୋଲାର ପ୍ଲେଟ୍ ଚୋରି

ଝରିଗାଁ,୬।୬(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଚିତାବେଡା ଗ୍ରାମରେ ଜଣେ ଚାଷୀଙ୍କ ଜମିରେ ଲାଗିଥିବା ସୋଲାର ପ୍ଲେଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚିତାବେଡା ଗ୍ରାମର ଲକି ଚନ୍ଦ ମାଝିଙ୍କ ଜମିରେ ତିନି ବର୍ଷ ତଳେ ପ୍ରଶାସନ ପକ୍ଷରୁ ଗଭୀର ନଳକୂପ ଖନନ ସହ ଜମିରେ ପାଣି ମଡ଼ାଇବା ପାଇଁ ସୋଲାର ଲଗାଯାଇଥିଲା। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଲକି ନିଜ ଜମିରେ ୪ଏକର ମକା ଚାଷ ଏବଂ କିଛି ପରିବା ଚାଷ କରିଛନ୍ତି। ତେବେ ସୋମବାର ବର୍ଷା ସହ ଘଡ଼ଘଡି ହେବାରୁ ଜମିରୁ ସମସ୍ତେ ରାତିରେ ଘରକୁ ଫେରି ଆସିଥିଲେ। ଫଳରେ ଜମି ନିକଟରେ କେହି ନ ଥିବାର ସୁଯୋଗ ପାଇ କେତେଜଣ ୯ଟି ସୋଲାର ପ୍ଲେଟ ମଧ୍ୟରୁ ୨ଟି ସୋଲାର ପ୍ଲେଟ ଚୋରି ହେବା ସମ୍ପର୍କରେ ଲକି ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି।

## ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ 'ମୁଁ ବି ଟପ୍ପର ହେବି'

ନବରଙ୍ଗପୁର,୬।୬(ବି.ପ୍ର.)

ଛାତ୍ରୀଛାତ୍ରଙ୍କ ମନରେ ଟପ୍ପର ହେବାର ଇଚ୍ଛା ଜାଗ୍ରତ କରିବା ଉଦ୍ଦେଶ୍ୟରେ ନବରଙ୍ଗପୁରରେ ହୋଟେଲ ପୂଜାର ମାଲିକ ବିଭୂତି ଭୂଷଣ ଲେଙ୍କା 'ମୁଁ ବି ଟପ୍ପର ହେବି' କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏଥିରେ ସମ୍ବର୍ଦ୍ଧିତ କରଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ସହର ଗବ୍ରିଏଲ ଗୁଡା ପ୍ରାଥମିକ ବିଦ୍ୟାଳୟ, ମହାଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୌଡ଼ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଭାଟିସାଲଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ୧୦୦ରୁ ଊର୍ଦ୍ଧ ଛତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ପିଲାମାନେ କିଭଳି ଉତ୍ତମ ଶିକ୍ଷା ଲାଭ କରିବେ ସେ ନେଇ ଜିଲାପାଳ ବିଭିନ୍ନ ଟିପ୍ପଣୀ ପ୍ରଦାନ କରିଥିଲେ। ପାଠପଢ଼ା ସମୟରେ ରାସ୍ତାଘାଟ, ଆଲୋକ ବ୍ୟବସ୍ଥା ଭଲ ନ ଥିବାବେଳେ ଗାଁ ପାଖାପାଖି ସ୍କୁଲ ଟିଏ ବି ନ ଥିଲା। ତଥାପି ପାଠ ପଢ଼ି ଡାକ୍ତର ହେବାର ସ୍ୱପ୍ନ ଥିଲା। ଇଚ୍ଛାଶକ୍ତି ଓ ଅଧ୍ୟବ୍ୟସାୟ ଯୋଗୁ ତାହା ପୂରଣ ହୋଇଛି ବୋଲି ଡାକ୍ତର ସନ୍ତୋଷ ମିଶ୍ର କହିଛନ୍ତି। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏସବିଆଇ ଚିଫ ମ୍ୟାନେଜର ସୁକୁମାର ବକ୍ସି, ଅଧାପିକା ଡ଼ଃ. ସଂଯୁକ୍ତା ପଣ୍ଡା, ଡିଇଓ ପ୍ରଦୀପ ନାଗ ପ୍ରମୁଖ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ବିକ୍ରମ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭୂତି ଭୂଷଣ ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେଛାତ୍ରୀଛାତ୍ର ମାନେ ନିଜ ପସନ୍ଦରେ ଖାଦ୍ୟ ସହ ମିଠା ଆଇସକ୍ରିମ, ଥଣ୍ଡା ପାନୀୟର ମଜା ନେଇଥିଲେ। ସମସ୍ତ ପିଲାଙ୍କୁ ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ନେବାକୁ ଏକ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରାଯାଇଥିଲ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ଉପହାର ସ୍ୱରୂପ ପ୍ରଦାନ କକରାଯାଛି। ସୂଚନାନୁଯାୟୀ, ବିଭୂତି ନିୟମିତ ବ୍ୟବଧାନରେ ନିଆରା ଢଙ୍ଗରେ ଗରିବଙ୍କୁ ସହାୟତା, ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ, ଗରିବ ଲୋକଙ୍କୁ ମାଗଣାରେ ପସନ୍ଦର ଖାଦ୍ୟ ଖୁଆଇ ଚର୍ଚ୍ଚାରେ ରୁହନ୍ତି।



ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ନିଖୋଜ ଯୁବତୀ ଉଦ୍ଧାର

ପାପଡାହାଣ୍ଡି,୬।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ଲହରାକାନି ଅଞ୍ଚଳରୁ ଜଣେ ନିଖୋଜ ଯୁବତୀଙ୍କୁ ମଙ୍ଗଳବାର ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୨୭ ତାରିଖରେ ସୁବାସିନୀ ଗରଡ଼ା ନିଖୋଜ ହେବା ପରେ ଏ ନେଇ ବାପା ଭୂଷଣ ଗରଡ଼ା ୨୮ରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲାକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା। ହାଇଦ୍ରାବାଦରୁ ଫେରି ଯୁବତୀ ଜଣକ ନବରଙ୍ଗପୁର ଚାମୁରିଆଗୁଡ଼ାରେ ଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଥାନାଧିକାରୀ ଦୀପକ ଜେନାଙ୍କ ନେତୃତ୍ୱରେ ଏସଆଇ ଶିବାଜି ପଣ୍ଡା ଯୁବତୀଙ୍କୁ ଉଦ୍ଧାର କରିଥିଲେ।

### ଜୟ ତେନ୍ତୁଳିଖୁଣ୍ଟି ଗ୍ରୁପ୍ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ତେନ୍ତୁଳିଖୁଣ୍ଟି, ୬।୬(ଡି.ଏନ୍.ଏ.)

ବାଲେଶ୍ୱର ବାହାନଗାରେ ହୋଇଥିବା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜୟ ତେନ୍ତୁଳିଖୁଣ୍ଟି ଗ୍ରୁପ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରିଛି। ସେହିଭଳି ଶହୀଦ ଲକ୍ଷଣ ନାୟକ ଛକରେ ପ୍ରଦୀପ ପ୍ରଜ୍ୱଳନ ସହ ନୀରବ ପ୍ରାର୍ଥନା କରାଯାଇଛି। ଚିକିତ୍ସିତ ଲୋକଙ୍କ ଆରୋଗ୍ୟ କାମନା କରାଯାଇଛି। ଏଥିରେ ଅଖିଳ ଭତରା, ହାନେସ ପାତ୍ର ବାଘ, ପ୍ରଶାନ୍ତ ଶତପଥୀ, ବାରିଜ ପଟ୍ଟନାୟକ, ଟୁଲୁ ଶତପଥୀ, ଉମାକାନ୍ତ ସାହୁ, ରବି ପାଣିଗ୍ରାହୀ, ଚିନୁ ପାତ୍ର, ଟୁନା ଷଡଙ୍ଗୀ, ବିକି ପାତ୍ରଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ।

## ବାପାଙ୍କ ମୃତ୍ୟୁ ପ୍ରତିଶୋଧ ପାଇଁ ହତ୍ୟା କଲେ ନାବାଳକ

ରାଇଘର,୬।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୁନ୍ଦେଇ ଥାନା ଅଧୀନ ରାସପୁର ଗ୍ରାମର ଏକ ପୋଖରୀରୁ ୨ ତାରିଖରେ ଖୁଡୁକୁ ପଞ୍ଚାୟତ ଅଧୀନ ଏକ ଗ୍ରାମର ନାଥା ପାହାଡ଼ିଆଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା। ମଙ୍ଗଳବାର ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ନାଥାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ଜଣେ ନାବାଳକ ଓ ତାଙ୍କ ସହଯୋଗୀ ଲୋଧନ ପାହାଡ଼ିଆଙ୍କୁ ପଚରାଉଚରା କରିଛି। ନାବାଳକ ଜଣଙ୍କ ବାପା ଲଖୁରାମ ପାହାଡ଼ିଆଙ୍କ ହତ୍ୟାକାଣ୍ଡର ପ୍ରତିଶୋଧ ନେଇ ନାଥାଙ୍କୁ ମାରିଥିବା ପୋଲିସ କହିଛି।

ପୋଲିସ ସୂଚନାନୁଯାୟୀ, ଗତବର୍ଷ ତେନ୍ତୁଳି ତୋଳିବାକୁ ନାଥା ପାହାଡ଼ିଆ, ସହଦେବ ପାହାଡ଼ିଆ , ନଥେଲ୍ ପାହାଡ଼ିଆ ଓ ଲଖୁରାମ ପାହାଡ଼ିଆ ଗଛରେ ଚଢ଼ିଥିଲେ। କିଛି ସମୟ ପରେ ଲଖୁରାମ ତଳେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଲଖୁରାମଙ୍କୁ ନାଥା ପାହାଡ଼ିଆ ତଳକୁ ଠେଲି ଦେଇଥିବା ସେ ସମୟରେ ଅଭିଯୋଗ ହୋଇଥିଲେ ସୁଦ୍ଧା ଗ୍ରାମରେ ମିଟିଂ କରି ଏହାର ସାମଧାନ କରାଯାଇଥିଲା। ଏ ନେଇ ଲଖୁରାମଙ୍କ ନାବାଳକ ପୁଅ ଥାନାରେ ଅଭିଯୋଗ କରି ପାରି ନ ଥିଲେ। କିନ୍ତୁ ପ୍ରତିଶୋଧ ନେବା ସୁଯୋଗକୁ ଅପେକ୍ଷା କରି ରହିଥିଲେ । ଏହି ଘଟଣାର ପ୍ରାୟ ବର୍ଷେ ପରେ ଏକ ନାମକରଣ କାର୍ଯ୍ୟକ୍ରମରେ ନାଥା ପାହାଡ଼ିଆ ଦରିପାରା ଗ୍ରାମର ବିଶ୍ୱନାଥ ଗଣ୍ଡଙ୍କ ଘରକୁ ଯିବାର କାର୍ଯ୍ୟକ୍ରମ ରହିଥିବା ଜାଣିପାରି ନାବାଳକ ଜଣଙ୍କ ତାଙ୍କୁ ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ବୁଧବାର ନାଥା ମା ଓ ବଡ଼ ଭାଇଙ୍କ ସହିତ ଦରିପାରାକୁ ଯାଇ ଫେରି ଲଖୁରାମଙ୍କ ଅଗଣାରେ ଶୋଇଥିଲେ। ଏହାର ସୁଯୋଗ ନେଇ ରାତିରେ ନାବାଳକ ଏକ ଟାଙ୍ଗିଆରେ ନାଥାଙ୍କ ଛାତି, ମୁଣ୍ଡ ଓ ମୁହଁକୁ ଚୋଟ ପକାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଉଭୟ ନାବାଳକ ଓ ଲଖୁରାମ ନାଥାଙ୍କ ହାତଗୋଡ଼ ବାନ୍ଧି ରାସପୁର ଗ୍ରାମକୁ ନେଇ ସେଠାରେ ଏକ ପୋଖରୀ ମଧ୍ୟକୁ ଫୋପାଡ଼ି ଦେଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ କାଣ୍ଡେତରା ଗ୍ରାମର ଏକ କୂଅରେ ଫୋପାଡ଼ି ଦେଇଥିଲେ। କୁନ୍ଦେଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣା ତଦନ୍ତ କରିବା ସହ ନାବାଳକ ଓ ତାଙ୍କ ସହଯୋଗୀଙ୍କୁ ସନ୍ଦେହରେ ପଚରାଉଚରା କରିବାରୁ ଉଭୟ ନିଜ ଦୋଷ ସ୍ୱୀକାର କରିଥିଲେ। ସହଯୋଗୀ ଲୋଧନ ପାହାଡ଼ିଆଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ କଳାହାଣ୍ଡିସ୍ଥିତ ବିଚାରାଧୀନ ହାଜତକୁ ପଠା ଯାଇଛି।

## ଗୋରୁ ବୋଝେଇ କଣ୍ଟେନରକୁ ଅଟକାଇଲେ ଯୁବଗୋଷ୍ଠୀ

ନବରଙ୍ଗପୁର,୬।୬(ବି.ପ୍ର.)

**ଡ୍ରାଇଭର, ଗାଡ଼ି ମାଲିକଙ୍କ ନାମରେ ଏତଲା**

ନବରଙ୍ଗପୁର ସହର ମଙ୍ଗଳମ୍ ଟିମ୍ବରସ୍ ବାଇପାସ ରାସ୍ତା ଦେଇ ସୋମବାର ରାତିରେ ଯାଉଥିବା ଏକ ଗୋରୁ ବୋଝେଇ କଣ୍ଟେନରକୁ ହିନ୍ଦୁ ଏକତା ବାହିନିର ଯୁବଗୋଷ୍ଠୀ ଅଟକାଇଛନ୍ତି। ଗାଡ଼ି ଡ୍ରାଇଭର ଫେରାର ଥିବାବେଳେ ଏଥିରୁ ୨୫ ଗୋରୁ ମଇଁଷି ଜବତ କରିଛି ନବରଙ୍ଗପୁର ପୋଲିସ। ମଇଁଷିଗୁଡିକୁ ନିକଟସ୍ଥ କାଞ୍ଜିଆହୁଦାରେ ରଖାଯାଇଥିବାବେଳେ ନବରଙ୍ଗପୁର ଥାନାରେ କେସଂ ନଂ ୨୪୩/୨୩ ରେ ଡ୍ରାଇଭର ଓ ଗାଡି ମାଲିକ ନାମରେ ମାମଲା ରୁଜୁ କରାଯାଇଛି।

ହିନ୍ଦୁ ଏକତା ବାହିନୀ ସଦସ୍ୟ ସୂର୍ଯ୍ୟକାନ୍ତ ଲେଙ୍କା ଓ ଅନ୍ୟ ସଦସ୍ୟମାନେ ଥାନାରେ ଦେଇଥିବା ଏତଲା ଅନୁଯାୟୀ ସୋମବାର ରାତିରେ ଏକ କଣ୍ଟେଇନର ନଂ (ଏପି-୨୯ଟିବି-୧୨୯୮) ନଂ ଗାଡ଼ି ମଇଁଷିଙ୍କୁ ଅସୁରକ୍ଷିତ ଭାବେ ନେଉଥିଲା। ଗାଡିଟି ମଙ୍ଗଳମ୍ ଟିମ୍ବରସ୍ ରାସ୍ତା ଦେଇ ଯିବା ବେଳେ ଗାଡି ପଛ ପଟ ଫାଟକ ଖୋଲାଥିବାରୁ ୩ ଟି ମଇଁଷି ଟ୍ରକରୁ ତଳକୁ ଖସି ପଡିଥିଲେ। ଏହା ଦେଖି ସ୍ଥାନୀୟ ଯୁବକ ଗାଡିକୁ ଅଟକାଇବା ପାଇଁ ତାହର ପିଛା କରିଥିଲେ। ଟ୍ରକ ଡ୍ରାଇଭର ଜୋରରେ ଗାଡ଼ି ଚଳାଇ ସୂର୍ଯ୍ୟକାନ୍ତ ଲେଙ୍କାକୁ ମଡ଼ାଇବା ଉଦ୍ୟମ କରିଥିଲେ। ଶେଷରେ ଚାଉଁରିଆଗୁଡା ନିକଟରେ ଗାଡି ଅଟକାଇ ଡ୍ରାଇଭର ଫେରାର ହୋଇଯାଇ ଥିଲେ ବୋଲି ଏତଲାରେ ଉଲ୍ଲେଖ ଅଛି। ନବରଙ୍ଗପୁର ସହର ଦେଇ ଦୀର୍ଘ ଦିନ ହେବ ଗୋରୁ ଚାଲାଣ ହେଉଛି। ଉକ୍ତ ଗାଡ଼ିକୁ ଅଟକାଇବା ପାଇଁ ପୋଲିସ ଚଢ଼ାଉ କରୁ ବୋଲି ଦାବି ହୋଇଛି। ଗାଡ଼ି ମାଲିକ ଓ ଡ୍ରାଇଭରଙ୍କୁ ଗିରଫ କଲେ ଗୋରୁ ଚାଲାଣ ସମ୍ପର୍କରେ ଜଣାପଡ଼ିବ ବୋଲି ହିନ୍ଦୁ ସଙ୍ଗଠନ ପକ୍ଷରୁ କୁହାଯାଇଛି। ନବରଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଓ ଗୋରୁଙ୍କୁ ଜବତ କରିଛି। ଏସ୍‌ଆଇ କୁଳଭୂଷଣ ନାୟକ ତଦନ୍ତ କରୁଛନ୍ତି।

## ମୋହରା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରକୃତିମିତ୍ର ପୁରସ୍କାର

ଚନ୍ଦାହାଣ୍ଡି, ୬।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତ ବର୍ଷ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ ମୋହରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲୁଦିଆ ହରିଜନଙ୍କୁ ଚେକ ଓ ମାନପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ଲୁଦିଆ ହରିଜନ ଓ ସ୍ୱାସ୍ଥ୍ୟ କର୍ମୀ ସଂଘମିତ୍ରା ପଟ୍ଟନାୟକଙ୍କ ମିଳିତ ଉଦ୍ୟମରେ




ଅତିଥିଙ୍କଠାରୁ ମୋହରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି ।

ଉପକେନ୍ଦ୍ର ଚାରିପାଖରେ ଚାରାରୋପଣ, ସମ୍ମୁଖ ଭାଗରେ କ୍ଷୁଦ୍ର ଔଷଧ ବଗିଚା ତିଆରି କରାଯାଇଛି । ଭବିଷ୍ୟତରେ ପଞ୍ଚାୟତରେ ଅଧିକ ଚାରାରୋପଣ ସହିତ ଲୋକମାନଙ୍କୁ ପରିବେଶ ସବୁଜିମା କରିବା ନେଇ ସଚେତନ କରାଯିବ।

## ଜିଲାସ୍ତରୀୟ କୁଇଜ୍‌ରେ ନନ୍ଦାହାଣ୍ଡି ଓଏଭି ପ୍ରଥମ

ନନ୍ଦାହାଣ୍ଡି, ୬।୬(ଡି.ଏନ୍.ଏ.)

ଆର୍‌ବିଆଇ ଆନୁକୂଲ୍ୟରେ ନବରଙ୍ଗପୁରସ୍ଥିତ ଆର୍‌ସିଡି ହାଇସ୍କୁଲରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା କରାଯାଇଛି। ଜିଲାର ୧୦ ବ୍ଲକରୁ ଦୁଇ ଜଣ ଲେଖାଏ ଛାତ୍ର ଏଥିରେ ଯୋଗ ଦେଇଥିଲେ। ପ୍ରଥମେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମରୁ ଷଷ୍ଠ ସ୍ଥାନ ହାସଲ କରିଥିବା ଓଏଭି ଉମରକୋଟ, ଓଏଭି ନନ୍ଦାହାଣ୍ଡି, ଓଏଭି ଚନ୍ଦାହାଣ୍ଡି, ସରକାରୀ ନୋଡାଲ ହାଇସ୍କୁଲ ଝରିଗାଁ, ଓଏଭି କୋଷଗୁମୁଡା, ଓଏଭି ପାପଡାହାଣ୍ଡି ସ୍କୁଲକୁ ନେଇ ମୌଖିକ ପରୀକ୍ଷା କରାଯାଇଛି। ଓଏଭି ନନ୍ଦାହାଣ୍ଡି, ଓଏଭି ଉମରକୋଟ ଏବଂ ଓଏଭି ଚନ୍ଦାହାଣ୍ଡି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ମୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍କୁଲକୁ ଦଶ ହଜାର ଟଙ୍କା, ଦ୍ୱିତୀୟ ସ୍କୁଲକୁ ୭୫୦୦ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ସ୍କୁଲକୁ ୫୦୦୦ ଟଙ୍କା ଆର୍ଥିକ ରାଶି ଆରବିଆଇ ଦ୍ୱାରା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ଓଏଭି ନନ୍ଦାହାଣ୍ଡି ସ୍କୁଲ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା ଅଂଶଗ୍ରହଣ କରିବ। ଏହି ପ୍ରତିଯୋଗିତାରେ ଆରବିଆଇଏଲଡିଓ ବିନୋଦ କୁମାର ଦାସ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ନୀଳାଚଳ ସାହୁ , ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଧାନ ଫାଉଣ୍ଡେସନ ସିଏଫ୍‌ଏଲ, କୋଅର୍ଡିନେଟର ପଙ୍କଜ ଚନ୍ଦ୍ର ନାୟକ, ରଞ୍ଜନା ପାଢ଼ି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ର।

## ବାଲ୍ୟବିବାହ ମୁକ୍ତ ସମାଜ ଗଠନ ନେଇ ସଚେତନତା

ଡାବୁଗାଁ, ୬।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ସୁମିତ୍ରା ମାଝିଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ସ୍ତରରେ ସମସ୍ତେ କିପରି ସଚେତନ ହୋଇପାରିବେ ସେଥିପାଇଁ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ନେଇ ଏକ ସଚେତନତା ସଭା କରାଯାଇଛି। ବାଲ୍ୟବିବାହ ଦ୍ୱାରା ଝିଅଙ୍କର ମାନସିକ ଓ ଶାରୀରିକ ସ୍ତରରେ ବିକାଶ ହୋଇ ନ ଥାଏ। ଫଳରେ ରକ୍ତହୀନତା, ଶାରୀରିକ ଅକ୍ଷମତା ପ୍ରସବରେ ଅନେକ ସମସ୍ୟା ହୋଇଥାଏ ବୋଲି ଡାବୁଗାଁ ଅଙ୍ଗନୱାଡି ସୁପରଭାଇଜର କୁନ୍‌ମୁନ୍ ସେନାପତି କହିଛନ୍ତି। ଶିଶୁ ମୃତ୍ୟୁହାର ରୋକିବା, ସମସ୍ତେ ମିଳିତ ହୋଇ ବାଲ୍ୟବିବାହକୁ ବନ୍ଦ କରିବା ପାଇଁ ସେ ସଚେତନ କରାଇଥିଲେ। ସଭାରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ. ଡି. ପ୍ରସାଦ, ନାଏବ ସରପଞ୍ଚ ଡମ୍ବରୁ ଭତ୍ରା,



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବଂଶୀଧର ମାଝି, ପୂର୍ବତନ ସରପଞ୍ଚ ହିରଣ୍ୟ ମାଝି, ସମିତି ସଭ୍ୟା ଉମାବତୀ ଭତ୍ରା, ଯୋଗାଣ ସହାୟକ ଖଗପତି ମେହେର, ଶଶୀଧର ମାଝି, ଧଙ୍ଗଡ଼ା ମାଝି, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ, ପ୍ରତ୍ୟେକ ସମାଜ ସଭାପତି ଓ ସମ୍ପାଦକ, ନାଏକ, ପୂଜାରୀ, ଗ୍ରାମର ଭଦ୍ରବ୍ୟକ୍ତି, ମହିଳା ଓ କିଶୋରୀ, ବାଳିକା ବାଳକମାନେ ଉପସ୍ଥିତ ଥିଲେ।

**ଆୟୁର୍ବେଦ ଚିକିତ୍ସା ଶିବିର**

ଜୟପୁର, (ନି.ପ୍ର.)- ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଏକ ଚିକିତ୍ସା ଶିବିର ଶ୍ରୀନିବାସ ଆୟୁର୍ବେଦ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଶିବିରରେ ୨୫୦ ଜଣ ରୋଗୀ ଚିକିତ୍ସିତ ହୋଇ ମାଗଣା ଔଷଧ ନେଇଥିଲେ। ଡାକ୍ତର ସୁଦର୍ଶନ ଗୌଡ, ମନୋଜ ବିଶ୍ୱାଳ, ଡାକ୍ତର ବିନୋଦ ବିହାରୀ ରଥ, କବିରାଜ କ୍ଷେତ୍ରବାସୀ ପଣ୍ଡା, ବୈଦ ସୂର୍ଯ୍ୟ ନାରାୟଣ ମିଶ୍ର, ମ୍ୟାନେଜର ତ୍ରିନାଥ ନାୟକ ଓ ସତ୍ୟ ନାରାୟଣ ସାହୁ ଉପସ୍ଥିତ ଥିଲେ। ଶିବିର ବୈଦ ଶ୍ରୀନିବାସ ପାତ୍ର ଆୟୋଜନ କରିଥିଲେ। କବିରାଜ ପରମେଶ୍ୱର ପାତ୍ର ସହଯୋଗ କରିଥିଲେ।



## ସଂକ୍ଷେପରେ

### କୋରାପୁଟରେ ପରିବର୍ତ୍ତନ ପ୍ରକଳ୍ପ ଆରମ୍ଭ ନେଇ ବୈଠକ

କୋରାପୁଟ,୬।୬ (ସ୍ୱ.ପ୍ର. )- କୋରାପୁଟ ସହର ଜାନିଗୁଡାସ୍ଥିତ ଡିପିଆରସି କେନ୍ଦ୍ରରେ ପରିବର୍ତ୍ତନ ପ୍ରକଳ୍ପ ଆରମ୍ଭ ନେଇ ଏକ ବୈଠକ ମଙ୍ଗଳବାର ସିୱାଇଏସ୍‌ଡି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଦଶମନ୍ତପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚାଷୀମାନେ ଯୋଗ ଦେଇଥିଲେ। ଗ୍ରାମ ଓ ପାହାଡ ପାଖରେ ଥିବା ଝରଣା ଜଳ ଚାଷ କାର୍ଯ୍ୟରେ ବିନିଯୋଗ କରି ଚାଷୀଙ୍କୁ ଉପକୃତ କରାଇବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ୩ ବର୍ଷ ଧରି ଚାଲିବାକୁ ଥିବା ଏହି ପ୍ରକଳ୍ପର ନାମ ପରିବର୍ତ୍ତନ ରଖାଯାଇଛି। ବୈଠକରେ ଜିଲା ଉଦ୍ୟାନ ବିଭାଗ ଅଧିକାରୀ ସୁଦାମ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ ରହିଥିବା ସବସିଡି ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆତ୍ମାର ପ୍ରକଳ୍ପ ପରିଚାଳକ ତାପସ ରାଏ ମିଲଟ ଚାଷ ଉପରେ ବୁଝାଇଲେ। ଅନ୍ୟ ଅତିଥି ମଧ୍ୟରେ ଗୋପାଳ କୃଷ୍ଣ ଦଣ୍ଡପଥ, ଦଶମନ୍ତପୁର ଭିବିଓ, ଆଇଟିଡିଏର ପ୍ରକଳ୍ପ ମ୍ୟାନେଜର ସତ୍ୟ ରଞ୍ଜନ ମହାନ୍ତି, ମିଶନଶକ୍ତି ଡିପିସି ଜୟକୃଷ୍ଣ ମହାପାତ୍ର ଇଂ. ସୁବାଷ ଦାଶ, ସିୱାଇଏସଡିର ସହକାରୀ ନିର୍ଦ୍ଦେଶକ ନୀଳାଦ୍ରି ସିନ୍ଧୁ, ଝରନା ସ୍ୱାଇଁ, କୋଅର୍ଡିନେଟର ଆନନ୍ଦ ମଲ୍ଲିକ,ଅଜିତ ବିଶୋୟିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅବଧି ଶେଷ ପରେ ବି ହେଉନି ନିର୍ବାଚନ

ସୁନାବେଡ଼ା ୬।୬ (ସ୍ୱ.ପ୍ର.)-ସୁନାବେଡ଼ା ହାଲ୍ କାରଖାନାର ଶ୍ରମିକ ସଂଘ ନିର୍ବାଚନ ସମୟ ଗଡ଼ିଯାଇଥିଲେ ମଧ ହାଲ୍ କର୍ତ୍ତୃପକ୍ଷ ଏବଂ କାର୍ଯ୍ୟ କରୁଥିବା ଶ୍ରମିକ ସଙ୍ଗଠନର ସଲାସୁତୁରାରେ ଏ ପର୍ଯ୍ୟନ୍ତ ନିର୍ବାଚନ ହେଉ ନ ଥିବା ବିଭିନ୍ନ ସଙ୍ଗଠନ ଅଭିଯୋଗ କରିଛନ୍ତି। ଶୀଘ୍ର ଓ ଧାର୍ଯ୍ୟ ବ୍ୟବସ୍ଥା ଅନୁଯାୟୀ କର୍ମଚାରୀ ସଂଘ ନିର୍ବାଚନ କରିବାକୁ ସେମାନେ ଦାବି କରିଛନ୍ତି। ହାଲ୍ କାରଖାନା ଦ୍ୱାରା ସ୍ୱୀକୃତ ଏଚ୍‌ଏଇଏର କାର୍ଯ୍ୟକାଳ ଗତ ୧୩।୪।୨୦୨୩ରୁ ଶେଷ ହୋଇଯାଇଛି। ମାତ୍ର ହାଲ୍ କର୍ତ୍ତୃପକ୍ଷ ୟୁନିୟନ କାର୍ଯ୍ୟକାଳକୁ ବଢ଼ାଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି। ଏହାକୁ ବିରୋଧକରି ସ୍ୱୀକୃତିପ୍ରାପ୍ତ ଅନ୍ୟ ୨ ସଙ୍ଗଠନ ହାଲ୍ କର୍ତ୍ତୃପକ୍ଷ ଓ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ମଚାରୀ ୟୁନିୟନ ନିର୍ବାଚନ ପ୍ରକ୍ରିୟା ପ୍ରତି ୨ ବର୍ଷ ବ୍ୟବଧାନରେ ହେବାର ନିୟମ ରହିଛି। ଅଥଚ କିଛି ନ୍ୟସ୍ତ ସ୍ୱାର୍ଥ ଅଧିକାରୀଙ୍କ ଯୋଗୁ ଏହି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ୨ ସଙ୍ଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରୀୟ ଶ୍ରମ ବିଭାଗ ମୁଖ୍ୟ ସଚିବ ଏନେଇ ରାଜ୍ୟ ଶ୍ରମ ବିଭାଗକୁ ଉପୁଜିଥିବା ସମସ୍ୟା ସମ୍ପର୍କରେ ୧୫ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୬।୬ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ବଡ଼ଓଝେଇ ଜଙ୍ଗଲରେ ମଙ୍ଗଳବାର ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉକରି ୩ ହଜାର ୩ ଶହ ଲିଟର ପୋଚ ଓ ୩ ଶହ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ଚୋରା ମଦ ବ୍ୟବସାୟୀମାନେ ମଦ ଓ ପୋଚ ପ୍ରସ୍ତୁତ କରି ଏହି ଜଙ୍ଗଲରେ ଲୁଚାଇ ରଖିଥିବା ସୂଚନା ପାଇ କର୍ମଚାରୀମାନେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ସମ୍ପର୍କରେ ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଜଙ୍ଗଲରୁ ବହୁ ମଦ ଭାଟି ଭାଙ୍ଗିବା ସହ ମଦରନ୍ଧା ସରଞ୍ଜାମ ଜବତ କରି କର୍ମଚାରୀମାନେ ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

### ଫେରାର ମହିଳା ଅଭିଯୁକ୍ତ ଗିରଫ

ଜୟପୁର, ୬।୬ (ନି.ପ୍ର.)- ଦୀର୍ଘଦିନ ଧରି ଫେରାର ଥିବା ଜଣେ ମହିଳା ଅଭିଯୁକ୍ତଙ୍କୁ ମଙ୍ଗଳବାର ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଇରିଗେଶନ କଲୋନିର ସୁଚେନ ପ୍ରଫୁଲ୍ଲମଣି ସୁଟିଡ଼ି। ତାଙ୍କ ନାମରେ ୨୦୦୨ରୁ ଥାନାରେ ଏକ ଆପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ।

# ଜିଲାରେ ୪ ହଜାର ହେକ୍ଟର ଜମିରେ ଆଳୁଚାଷ

ନନ୍ଦପୁର ୬।୬ (ଡି.ଏନ.ଏ.)



- ନନ୍ଦପୁର ବ୍ଲକରେ ସର୍ବାଧିକ ୧୦୬୦ ହେକ୍ଟରରେ ହେବ ଚାଷ
- ଚାଷୀଙ୍କୁ ଆକର୍ଷଣୀୟ ରିହାତି ବ୍ୟବସ୍ଥା
- ଆଳୁଚାଷ ପାଇଁ ଚିହ୍ନଟ ହୋଇଛନ୍ତି ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ

କୋରାପୁଟ ଜିଲାରେ ମୋଟ ୪ ହଜାର ହେକ୍ଟର ଜମିରେ ଚଳିତବର୍ଷ ଆଳୁଚାଷ କରିବାକୁ ଉଦ୍ୟାନ ବିଭାଗ ଲକ୍ଷ୍ୟଧାର୍ଯ୍ୟ କରିଥିବା ଜଣାପଡିଛି। ସେଥିରୁ ନନ୍ଦପୁର ବ୍ଲକରେ ସର୍ବାଧିକ ୧୦୬୦ ହେକ୍ଟର ଜମିରେ ଆଳୁଚାଷ ହେବାକୁ ଧାର୍ଯ୍ୟ ହୋଇଛି। ସରକାର ଆଳୁଚାଷୀଙ୍କ ପାଇଁ ଆକର୍ଷଣୀୟ ରିହାତି ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। ହେକ୍ଟର ପିଛା ଖର୍ଚ୍ଚ ୧ଲକ୍ଷ ୪୫ ହଜାର ଟଙ୍କା ମଧ୍ୟରୁ ସରକାରୀ ପ୍ରୋତ୍ସାହନ ସ୍ୱରୂପ ୫୮ହଜାର ଟଙ୍କା ଚାଷୀଙ୍କୁ ଦେବାକୁ ସ୍ଥିର ହୋଇଛି। ଚାଷୀଙ୍କୁ ବିହନ ବସ୍ତା (୫୦ କିଲୋ) ୩୯୬ ଟଙ୍କାରେ ଯୋଗାଇ ଦେବାକୁ ସ୍ଥିର ହୋଇଥିବା ନନ୍ଦପୁର ଉଦ୍ୟାନ ବିଭାଗ ଏଏଚଓ ଦେବାଶିଷ ଦୋରା କହିଛନ୍ତି। ଆଳୁ ଚାଷ ପାଇଁ ଇତି ମଧ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଚିହ୍ନଟ ହୋଇ କ୍ଷେତ୍ର ପ୍ରସ୍ତୁତ କଲେଣି। ଚଳିତ ମାସ ଦ୍ୱିତୀୟ ସପ୍ତାହରୁ ରିହାତି ସହ ଚାଷୀଙ୍କୁ ବିହନ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। କୋରାପୁଟ ଜିଲାର ଜଳବାୟୁ ଓ ମୃତ୍ତିକା ଆଳୁଚାଷ ପାଇଁ ଖୁବ୍ ଉପଯୋଗୀ। ଫଳରେ ଜିଲାର ୭ଟି ବ୍ଲକ ନନ୍ଦପୁର ବ୍ଲକରେ ୧୦୬୦ ହେକ୍ଟର ଜମି, ସେମିଳିଗୁଡାରେ ୯୪୦, ଲମତାପୁଟରେ ୭୬୦, ଦଶମନ୍ତପୁରରେ ୪୪୦, କୋରାପୁଟରେ ୪୦୦, ପଟାଙ୍ଗିରେ ୩ଶହ ଓ ଲକ୍ଷ୍ମୀପୁର ବ୍ଲକରେ ୧୦୦ ହେକ୍ଟର ଏପରି ମୋଟ ୪ହଜାର ହେକ୍ଟର ଜମିରେ ଚଳିତବର୍ଷ ଆଳୁଚାଷ କରାଯିବ। ଆଳୁଚାଷ ପାଇଁ ହେକ୍ଟର ପିଛା ୧ଲକ୍ଷ ୪୫ହଜାର ଟଙ୍କାର ଖର୍ଚ୍ଚ ଆକଳନ କରାଯାଇଛି। ସେଥିରୁ ପ୍ରଥମେ ବିହନ ବାବଦକୁ ୩୫୫୮୦ ଟଙ୍କା ଓ ପରେ ୨୨୪୨୦ ଟଙ୍କାର ପ୍ରୋତ୍ସାହନ ରାଶି ହେକ୍ଟର ପିଛା ଦେବାର ବ୍ୟବସ୍ଥା ରହିଛି। ବିହନ କିଭଳି ସୁଲଭ ମୂଲ୍ୟରେ ବିନା ମଧ୍ୟସ୍ଥିରେ ସିଧା ସଳଖ ଚାଷୀଙ୍କ ନିକଟରେ ପହଞ୍ଚିବ ସେନେଇ ବ୍ଲକ ଉଦ୍ୟାନ ବିଭାଗ ସମେତ ବ୍ଲକ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କୃଷକ ଉତ୍ପାଦକ ସମିତିଗୁଡ଼ିକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ନନ୍ଦପୁର ବ୍ଲକରେ ବିହନ ବଣ୍ଟନ ଦାୟିତ୍ୱ ଉଦ୍ୟାନ ବିଭାଗ ସହ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବିଭାଗ ଦାୟିତ୍ୱ ଦେଇଛି ବୋଲି ବିଭାଗୀୟ ଅଧିକାରୀ ଦୋରା କହିଛନ୍ତି।



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ୧୦୮ ଗରା ଜଳ ସ୍ନାନ କରି ଜ୍ୱରରେ ପଡି ମହାପ୍ରଭୁ ଅଣସର ଘରେ ଥିବା ବେଳେ ଶ୍ରଦ୍ଧାଳୁମାନେ ମନ୍ଦିର ମୁଖ୍ୟ ଫାଟକଠାରେ ଥିବା ଠାକୁରଙ୍କ ପଟ୍ଟଚିତ୍ରକୁ ଦର୍ଶନ କରୁଛନ୍ତି।

# ‘ଧର୍ମାନ୍ତରୀକରଣ ରୋକିବାକୁ ସନ୍ୟାସୀମାନଙ୍କ ଆବଶ୍ୟକତା ରହିଛି’

**ହିନ୍ଦୁ ମହାସଂଘ ପକ୍ଷରୁ ସମ୍ମିଳନୀ**

ଜୟପୁର, ୬।୬ (ନି.ପ୍ର )– ଜୟପୁର ବକ୍ସିସାହିସ୍ଥିତ ତ୍ରିନାଥ ସେବା ପରିଷଦର ଅନ୍ନପୂର୍ଣ୍ଣା ଭବନଠାରେ ହିନ୍ଦୁ ମହାସଂଘ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ନିମନ୍ତ୍ରିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ହିନ୍ଦୁ ମହାସଂଘ ମାର୍ଗଦର୍ଶକ ସନ୍ଥ ସୌଭାଗ୍ୟ ବାବା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୀମାନ୍ତରେ ଯେପରି ସୈନିକମାନଙ୍କ ଆବଶ୍ୟକତା ରହିଛି, ସେହିପରି ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଦେଶ ଭିତରେ ସନ୍ୟାସୀମାନଙ୍କ ଆବଶ୍ୟକତା ରହିଛି। ଏହି କାର୍ଯ୍ୟକୁ ସମସ୍ତେ ମିଳିମିଶି ସମ୍ପାଦନା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଡ. ଗଙ୍ଗାଧର ନନ୍ଦ ଯୋଗଦେଇ ଧର୍ମାନ୍ତରୀକରଣ କେବଳ ଆମ ସଂସ୍କୃତି ପାଇଁ ନୁହେଁ ବରଂ ସନାତନ ଭାରତ ପ୍ରତି ଏକ ବଡ ବିପଦ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ହିନ୍ଦୁ ମହାସଭାର ପ୍ରତିଷ୍ଠାତା ଜୟନ୍ତ ସୂର୍ଯ୍ୟବଂଶୀ ଯୋଗଦେଇ ଅବିଭକ୍ତ କୋରାପୁଟ ଜିଲାରେ ଧର୍ମାନ୍ତରୀକରଣର କାରଣ, ପରିଣତି ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ ତ୍ରିନାଥ ସେବା ପରିଷଦର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ଯୋଗଦେଇ ନିଜ ମତ ରଖିଥିଲେ। ଲକ୍ଷ୍ମୀକାନ୍ତ ନନ୍ଦ, କୁନାଲ ମିଶ୍ର, ଦିନେଶ ମିଶ୍ର, ସ୍ୱାତୀ ହୋତା, ଚିନ୍ମୟୀ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ହିନ୍ଦୁଧର୍ମ ଉପରେ ନିଜ ମତ ଉପସ୍ଥାପନା କରି ଆଗାମୀ ଦିନରେ ଏହା ଏକ ଆନ୍ଦୋଳନର ରୂପ ନେବ ବୋଲି ପ୍ରକାଶ କରିଥିଲେ। ତ୍ରିନାଥ ସେବା ପରିଷଦର କାହ୍ନୁ ଗନ୍ତାୟତ, ସୁଶାନ୍ତ ମହାପାତ୍ର, ସୁବାସ ମହାପାତ୍ର, ଦେବାଶିଷ ମହାପାତ୍ର, ସନ୍ତୁ ସାହୁ, ହରି ପାଢ଼ୀ, ପିଣ୍ଟୁ ରଥ, କାର୍ତ୍ତିକ ମହାପାତ୍ର ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ‘ବିକାଶ ନେତୃତ୍ୱ ନିଏ, ପରିବେଶକୁ ମଧ ନଷ୍ଟ କରିଥାଏ’



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ**

କୋରାପୁଟ,୬।୬(ସ୍ୱ.ପ୍ର.)

କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ସାଂସ୍କୃତିକ ପ୍ରଦୂଷଣ ଆଦି ବିଭିନ୍ନ ପ୍ରଦୂଷଣ ଉପରେ ସେ ଆଲୋକପାତ କରିଥିଲେ। ପାଶ୍ଚାତ୍ୟ ପରମ୍ପରା ଓ ଶିକ୍ଷା, ବିକଶିତ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଅନେକ ପରିବେଶ ସମସ୍ୟା ସୃଷ୍ଟି କରୁଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ସରକାରଙ୍କ ପୂର୍ବତନ ପିସିସିଏଫ୍ ଡ. ଅତନୁ ରାହା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ପରିବେଶର ଅବକ୍ଷୟ ଓ ବିନାଶର ଇତିହାସ ସମ୍ପର୍କରେ ସେ ବିସ୍ତୃତ ବର୍ଣ୍ଣନା କରିଥିଲେ। ବୈଷୟିକ ଜ୍ଞାନକୌଶଳ ବିକାଶର ନେତୃତ୍ୱ ନେଉଛି ସତ୍ୟ, ମାତ୍ର ବିକାଶ ହିଁ ପରିବେଶକୁ ନଷ୍ଟ କରିଥାଏ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ବିଶ୍ୱ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ ପଲିତା ବିଟ୍ ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଇକୋସିଷ୍ଟମ୍ ପୁନରୁଦ୍ଧାର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାଷା ବିଦ୍ୟାଳୟର ଡିନ୍ ପ୍ରଫେସର ଏନ୍ .ସି. ପଣ୍ଡା ବାୟୁ, ଜଳାଶୟ ଓ ସ୍ଥଳର ସ୍ୱଚ୍ଛତା ପ୍ରତି ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ନାଲ୍‌କୋର ଜିଏମ୍ ଡ. ସଞ୍ଜୟ ପଟ୍ଟନାୟକ ଏକ ସ୍ଥାୟୀ ପରିବେଶ ପାଇଁ ସ୍ଥାୟୀ ଏବଂ ଦାୟିତ୍ୱସମ୍ପନ୍ନ ଖଣି ପ୍ରଣାଳୀ ଉପରେ ମତ ରଖିଥିଲେ। ସିୱାଇଏସ୍‌ଡିର ରମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ପ୍ରଫେସର ଡ. ପ୍ରଦୋଷ ରଥ, ଡ. ରମେନ୍ଦ୍ର ପାଢ଼ୀ ସହକାରୀ ପ୍ରଫେସର ସଞ୍ଜିତ ଦାସ, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ନିର୍ବାହୀଯନ୍ତ୍ରୀ ଶ୍ରୀରାମ ପାଢ଼ୀ, ସହକାରୀ ରେଜିଷ୍ଟ୍ରାର ମାନସ ଦାସ, ପ୍ରଦୀପ ସାମନ୍ତରାୟ ନିଜ ମତ ରଖିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ୧୦ଟି ଚାରାରୋପଣ କରାଯାଇଥିଲା। ସହକାରୀ ପ୍ରଫେସର ଡ. କାକୋଲି ବାନାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ୭ କାଜୁ ମିଲ୍‌ରେ ଚଢ଼ାଉ

ଜୟପୁର, ୬।୬ (ନି.ପ୍ର.)

ଶ୍ରମ ବିଭାଗ ପକ୍ଷରୁ ୭ଟି କାଜୁ ମିଲ୍‌ରେ ଚଢ଼ାଉ ହୋଇଛି। ଏହି ସମୟରେ ମିଲ୍‌ରେ କାର୍ଯ୍ୟରତ ୧୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଚଢ଼ାଉରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଗାୟତ୍ରୀ ପାତ୍ର, ସହକାରୀ ଶ୍ରମ ଅଧିକାରୀ ପଦ୍ମ ଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝି, ପୂର୍ଣ୍ଣିମା ଡୁରୁକା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ଦାସ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଭାନୁମତୀ ପୂଜାରୀ, ଚାଇଲ୍ଡଲାଇନ ସଦସ୍ୟ ହେମନ୍ତ ପାତ୍ର, ବଳରାମ ପାତ୍ର ଏବଂ ସଦର ପୋଲିସ ସାମିଲ ହୋଇ ଥିଲେ।

# ପ୍ରେସ୍ କ୍ଲବ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ମୃତିସଭା

**ବାହାନଗା ଟ୍ରେନ ଦୁର୍ଘଟଣା**



କୋରାପୁଟ ପ୍ରେସ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ସଦସ୍ୟମାନେ।

କୋରାପୁଟ,୩।୬(ସ୍ୱ.ପ୍ର.)– ବାଲେଶ୍ୱର ଜିଲାର ବାହାନଗାଠାରେ ଶୁକ୍ରବାର ଘଟିଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ କୋରାପୁଟ ପ୍ରେସ୍‌କ୍ଲବ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। କ୍ଲବ ସମ୍ପାଦକ ଅମିତାଭ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଏପରି ଦୁଃଖଦାୟକ ହୃଦୟ ବିଦାରକ ଘଟଣାର ଆଶ୍ୱସନା ପାଇଁ ଭାଷା ନାହିଁ। ଭଗବାନ ସେମାନଙ୍କ ପରିବାରକୁ ଏହି ଦୁଃଖ ସହିବାର ଶକ୍ତି ଦିଅନ୍ତୁ। ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଆହତମାନେ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ଉପସ୍ଥିତ ସଦସ୍ୟମାନେ କାମନା କରିଥିଲେ। ଏହି ଅବସରରେ ମୃତକଙ୍କ ଆତ୍ମାର ସଦ୍‌ଗତି ନେଇ ୨ ମିନଟର ନୀରବ ପ୍ରାର୍ଥନା କରାଯାଇଥିଲା । ଏ କ୍ଲବର ବରିଷ୍ଠ ସଦସ୍ୟ ରଞ୍ଜନ ଦାସ, ଘନଶ୍ୟାମ ରଥ, ଅରୁଣ ଦାସ, ସୂର୍ଯ୍ୟ ନାରାୟଣ ପଣ୍ଡା, ଶ୍ରୀକାନ୍ତ ସାହୁ , ରବି ଚାଲାଣ, ଅମିତ ହୋତା, ତ୍ରିଲୋଚନ ମହାରଣା, ଗୋପାଳ ପାଢୀ, ସୁଶାନ୍ତ ମିଶ୍ର, ସିଏଚ ଭଗବତୀ ଆଚାରୀଙ୍କ ସମେତ ବହୁ ଖପରଦାତା ଉପସ୍ଥିତ ଥିଲେ। ସେହିପରି କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ମୃତକମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ସମେତ ବିଶ୍ୱ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର କର୍ମଚାରୀମାନେ ପୀଡିତମାନଙ୍କୁ ସହାୟତା ଲାଗି ସେମାନଙ୍କ ଗୋଟିଏ ଦିନର ଦରମା କେନ୍ଦ୍ର ସରକାରଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହାକୁ ଉପସ୍ଥିତ ସମସ୍ତ କର୍ମଚାରୀ ସମର୍ଥନ କରିଥିଲେ।

# କୋଟପାଡ଼ରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୋଟପାଡ଼,୬।୬ (ଡି.ଏନ.ଏ. )



କୋରାପୁଟ ଜିଲା କୋଟପାଡ଼ ସହରର ବହୁ ପୁରାତନ ଶ୍ରୀରାମ ମନ୍ଦିର ଓ ଆଡ଼ପ ମଣ୍ଡପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଗତ ୪ ତାରିଖରୁ ଏହାର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ଆସନ୍ତା ୮ ତାରିଖ ଯାଏ ଚାଲିବ। ମନ୍ଦିର ଓ ଆଡପ ଗୃହ ନିର୍ମାଣ ଲାଗି ସହରର ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଏକାଠି ହୋଇଥିଲେ। ବିଧାୟକ ପାଣ୍ଠିରୁ ୫ ଲକ୍ଷ ଏବଂ ଏମ୍‌ପି ପାଣ୍ଠିରୁ ୫ ଲକ୍ଷ ଅନୁଦାନ ସହ ସହରବାସୀଙ୍କ ସହାୟତାରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଗତ ୪ରେ ଜଳକଳସ ଯାତ୍ରା, ଦୀକ୍ଷା ଗ୍ରହଣ ଓ ଅଙ୍କୁରା ରୋପଣ ହୋଇଥିଲା। ୫ ଶିଳା ପୂଜନ, ୬ରେ ବନଜାଗ, ରତ୍ନମୁଦ, ୭ରେ ପ୍ରାଣ ପ୍ରତିଷ୍ଠା, ୮ରେ ମନ୍ଦିର ପ୍ରତିଷ୍ଠା, ଠାକୁରଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନାମ ସଙ୍କୀର୍ତ୍ତନ ଏବଂ ସନ୍ଧ୍ୟା ୫ଟାରୁ ରାତି ୮ ପର୍ଯ୍ୟନ୍ତ ଶ୍ରୀରାମ କଥା ପ୍ରବଚନ ଅନୁଷ୍ଠିତ ହେଉଛି । ଏଥିସହ ବିଭିନ୍ନ ଦିବସରେ କଟକର ଓଡ଼ିଶୀ ନୃତ୍ୟ, ଜଗତ୍‌ସିଂହପୁର, ସମ୍ବଲପୁରରୁ ଆସିଥିବା କଳାକାରଙ୍କ ନୃତ୍ୟ, ଭୁବନେଶ୍ୱରର ଅନିତା ରାଉତ ଓ ସାଥୀଙ୍କ ଭଜନ ସମାରୋହ, ବରଗଡ଼ର ଶ୍ରୀକୃଷ୍ଣ ଲୀଳା ଓ କଂସ ଦରବାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଜନ ସମାଗମ ହେଉଛି। ମନ୍ଦିର କମିଟି ସଭାପତି ନରେନ୍ଦ୍ର ସ୍ୱାଇଁ, ଉପସଭାପତି ଗଣେଶ ପଣ୍ଡା, ସମ୍ପାଦକ ସୁନୀଲ ତ୍ରିପାଠୀ, ସହ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ବିନାୟକ ଆଚାର୍ଯ୍ୟ ପ୍ରତିଷ୍ଠା ଉତ୍ସବ ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ମନ୍ଦିର ନିର୍ମାଣ ପୂର୍ବରୁ ପ୍ରଭୁ ଶ୍ରୀରାମ ସହରର ଏକ ଟିଣ ଛପର ଘରେ ପୂଜା ପାଇ ଆସୁଥିଲେ ।

# କନାପାଢ଼ି ଟିମ୍ ଚାମ୍ପିୟନ

**ମା’ ବୁଢ଼ୀ ଠାକୁରାଣୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଦଶମନ୍ତପୁର,୬।୬ (ଡ଼ି.ଏନ.ଏ.)



ଅତିଥିଙ୍କ ଗହଣରେ ଖେଳାଳିମାନେ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁକାର୍ ପଞ୍ଚାୟତର ବିରିଗୁଡ଼ା ଗ୍ରାମରେ ଚାଲିଥିବା ମା’ ବୁଢ଼ୀ ଠାକୁରାଣୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୁଟୁନିପଦର ଏବଂ କନାପାଢ଼ି ଟିମ୍ ମଧ୍ୟରେ ହୋଇଥିଲା। କନାପାଢ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭୫ ରନ୍ ସଂଗ୍ରହ କରିଥିଲା। ପରେ କୁଟୁନିପଦର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ମାତ୍ର ୩୫ ରନ ସଂଗ୍ରହ କରିଥିଲା। ଫଳରେ କନାପାଢ଼ି ଟିମ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତିଲେଶ୍ୱର ମାଣ୍ଡିଙ୍ଗ, କାମିଆ ମାଣ୍ଡିଙ୍ଗ, ରାଜୀବ ମାଣ୍ଡିଙ୍ଗ, ଲକ୍ଷ୍ମଣ ଖୋସଲା, ଫୁଲଦାର ଚେଟୀ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଟିମ୍‌କୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଅଞ୍ଚଳରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ କୁଟୁନିପଦର ଏବଂ କନାପାଢ଼ି ଟିମ୍ ପ୍ରବେଶ କରିଥିଲେ।

# ମନ୍ଦିର, କିମ୍ବଦନ୍ତୀଗୁଡ଼ିକର କଲେ ସ୍ଥିତି ଅନୁଧ୍ୟାନ

**ସହକାରୀ ଦେବୋତ୍ତର କମିଶନରଙ୍କ ନନ୍ଦପୁର ଗସ୍ତ**

ନନ୍ଦପୁର ୬।୬ (ଡି.ଏନ.ଏ.)

ଦେବୋତ୍ତର ସମ୍ପତ୍ତି ବିକ୍ରି ଯୋଗୁ ସେବା ପାଉନାହାନ୍ତି ଦିଅଁ। କେତେ କ୍ଷେତ୍ରରେ ମନ୍ଦିର ନୀତିକାନ୍ତି ପାଇଁ ନିଯୁକ୍ତ କେତେକ ସେବାୟତ ଶତାଧିକ ଏକର ଦେବୋତ୍ତର ଜମି ବିକ୍ରି କରିଦେବା, ନନ୍ଦପୁର ତହସିଲ ପ୍ରତିଷ୍ଠାର ୧୪ବର୍ଷ ପରେ ମଧ ତହସିଲକୁ ଦେବୋତ୍ତର ଅଧିକାର ହସ୍ତାନ୍ତର ନ ହେବା, ଠାକୁରଙ୍କ ଅଳଙ୍କାର ବ୍ୟବହାର କିମ୍ବା ସାର୍ବଜନୀନ କରା ନ ଯିବା, ଐତିହାସିକ ମନ୍ଦିରଗୁଡିକ ପ୍ରତି ବିଭାଗୀୟ ଅଣଦେଖା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବାକୁ ବ୍ରହ୍ମପୁର ଆରଡିସି କୋରାପୁଟ ଜିଲାପାଳଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ଏହାର ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ବ୍ରହ୍ମପୁର ସହକାରୀ ଦେବୋତ୍ତର କମିଶନର ସୌମ୍ୟ ରଞ୍ଜନ ନାୟକ ମଙ୍ଗଳବାର ନନ୍ଦପୁର ବ୍ଲକ ଗସ୍ତ କରିଥିଲେ। ସେ ଦେବୋତ୍ତର ବିଭାଗ ଅଧୀନରେ ଥିବା ୧୬ଟି ମନ୍ଦିର ମଧ୍ୟରୁ ସର୍ବେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର, ପଦ୍ମନାଭ ମନ୍ଦିର, ରାଧାମୋହନ ମନ୍ଦିର, ଭଣ୍ଡାରଘରଣୀ ମନ୍ଦିର, ଦୁଆରସୁନି ମନ୍ଦିର, ୩ ଭୈରବୀ ମନ୍ଦିର, ବନଦୁର୍ଗା ମନ୍ଦିର, ଗଣେଷ ମନ୍ଦିର, ପର୍ଯ୍ୟଟନ ସ୍ଥଳୀ ରାଣୀ ଡୁଡୁମା, ଐତିହାସିକ କିମ୍ବଦନ୍ତୀ ବତ୍ରିସ ସିଂହାସନ ଆଦି ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସମସ୍ତ ମନ୍ଦିର ପଟାଙ୍ଗି ତହସିଲଦାର, ନିବନ୍ଧକ ତଥା ଦେବୋତ୍ତର ଅଧିକାରୀଙ୍କ ଅଧୀନରେ ଥିଲେ ମଧ୍ୟ ଅଧିକାରୀମାନେ ଏହାର ଦେଖାରଖା କରୁ ନ ଥିବା ଏବଂ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଜମି ଓ ଅଳଙ୍କାରର ସୁରକ୍ଷା, ଦେବୋତ୍ତର ଅଧିକାର ନନ୍ଦପୁର ତହସିଲକୁ ପ୍ରଦାନ ଓ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ସମ୍ପର୍କରେ କମିଶନର ନାୟକ ଆଲୋଚନା କରିଥିଲେ। ଏହି ସମୟରେ ନିରୀକ୍ଷକ ସୁକାନ୍ତ ପୂଜାରୀ, ତହସିଲଦାର ନରସିଂହ ଗାଦବା, ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର, ନନ୍ଦପୁର ଦେବୋତ୍ତର ଅଧିକାରୀ ପଣ୍ଡେଇ ମହାନ୍ତି, ଅମିନ ଶଙ୍କର ବାବୁ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଦେବୋତ୍ତର କମିଟି ଗଠନ କରିବାକୁ ନାୟକ ନିର୍ଦ୍ଦେଶ ଦେବା ସହ ସମସ୍ତ ଅଭିଯୋଗର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କିଶୋର ଶ୍ରମିକଙ୍କୁ ବିପଦସଙ୍କୁଳ କାମ ମନା

ଜୟପୁର, ୬।୬ (ନି.ପ୍ର.)



ଅତିଥିମାନେ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ
- ସବୁ ପୌରାଞ୍ଚଳ, ୪ ବ୍ଲକ ବୁଲିବ ରଥ
- ଖିଲାପ କଲେ ରହିଛି ୩ ବର୍ଷ ଯାଏ ଜେଲଦଣ୍ଡ

ଶିଶୁ ଶ୍ରମିକ ନିରାକରଣ ନେଇ ଏକ ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଛି । ଜୟପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସଚେତନତା ରଥକୁ ଉପଜିଲାପାଳ ବେଦବର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ୪ ଦିନ ଧରି ଜିଲାର ସମସ୍ତ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୪ଟି ବ୍ଲକ ବୋରିଗୁମ୍ମା, ଜୟପୁର, ଲକ୍ଷ୍ମୀପୁର ଓ ପଟାଙ୍ଗି ଅଞ୍ଚଳ ପରିକ୍ରମା କରି ଡାକବାଜି ଯନ୍ତ୍ରରେ ପ୍ରଚାର କରିବ। ଶିଶୁଶ୍ରମିକ ନିରାକରଣ ଏବଂ ବିପଦସଙ୍କୁଳ କ୍ଷେତ୍ରରେ କିଶୋର ଶ୍ରମିକଙ୍କୁ ନିୟୋଜିତ ନ କରିବା ନେଇ ଲୋକମାନଙ୍କୁ ସଚେତନ କରିବ। ୧୪ ବର୍ଷରୁ କମ୍ ବୟସ ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ, ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ ନ କରିବା, ଏପରି କାମ କରାଉଥିବା ବ୍ୟକ୍ତି ୫୦ ହଜାର ଟଙ୍କା ଯାଏ ଜରିମାନା ଦେବା ବ୍ୟବସ୍ଥା, ଆବଶ୍ୟକ ସ୍ଥଳେ ୨ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ ହେବାର ବ୍ୟବସ୍ଥା ଏବଂ ଏପରି ଭୁଲ୍ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏ କାରାଦଣ୍ଡ ଭୋଗିବାର ବ୍ୟବସ୍ଥା ଥିବା ସଚେତନତା ରଥ ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଗାୟତ୍ରୀ ପାତ୍ର, ସହକାରୀ ଶ୍ରମ ଅଧିକାରୀ ପଦ୍ମଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝି, ପୂର୍ଣ୍ଣିମା ଡୁରୁକା ପ୍ରମୁଖ ଉପସ୍ଥିତ ଥିଲେ।

